ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.256 Bhubaneswar Tuesday, November 30, 2021 | ୨୪ତମ ବର୍ଷ ସଂଖ୍ୟା-୨୫୬ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୩୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# ଆଜି ସୃଷ୍ଟି ହୋଇପାରେ ଲଘୁଚାପ, ଘନଉଛି ବାତ୍ୟା ବିପଦ

ହାଇଦ୍ରାବାଦ, ୨୯।୧୧(ପି.ଏନ): ଆନ୍ଧ୍ରପ୍ରଦେଶର ୪ଟି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ। ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶର ପ୍ରାକାସାମ, ନେଲୋର, ଚିତ୍ତୋର ଏବଂ କାଡାପା ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଆଇଏମଡିର ସୂଚନା ଅନୁଯାୟୀ, ଆଜି ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହା ସାଇକ୍ଲୋନିକ୍ ? ସିଷ୍ଟମର ରୂପ ନେଇ ପାରେ। ଏହାର ପ୍ରଭାବ ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ପଶ୍ଚିମବଙ୍ଗ ଉପରେ ପଡିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଡିସେମ୍ବର ୨ରୁ ୪ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ବୋଲି



ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଏହି ଲଘୁଚାପକ୍ଷେତ୍ର ସାଇକ୍ଲୋନିକ୍ ଡିଷ୍ଟର୍ବାନ୍ସରେ ପରିଣତ ହେବା ନେଇ ୩୩ରୁ ୬୭% ପର୍ଯ୍ୟନ୍ତ ସଙ୍କେତ ରହିଛି। ଏହା ଯଦି ବାତ୍ୟାର ରୂପ ନିଏ, ତେବେ କେଉଁ ଅଞ୍ଚଳ ଦେଇ ଅତିକ୍ରମ କରିବ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ସେପଟେ ସମ୍ଭାବ୍ୟ ଲଘୁଚାପ ନେଇ ସତର୍କ ରହିବାକୁ ସବୁ ଜିଲ୍ଲାପାଳମାନଙ୍କୁ ଓଡିଶା ଝଜଉ ଚିଠି ଲେଖିଛନ୍ତି। ଚିଠିରେ ଏସଆରସି କହିଛନ୍ତି ଯେ ଲଘୁଚାପ ଯୋଗୁଁ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ତେଣୁ ସମସ୍ତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏସଆରସି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହି ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଉପକୂଳ ସହ ୬ଟି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ସେହି ଜିଲ୍ଲା ଗୁଡିକ ହେଲେ ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ୨ ତାରିଖ ପୂର୍ବରୁ ସମୁଦ୍ରରୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ତେବେ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ବର୍ଷା ହେବା ସମ୍ଭାବନା ରହିଛି ତାହା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ସ୍ପଷ୍ଟ ହେବ। ଏବେ ଧାନ ପାଚିଲା ଅମଳ ସମୟ ହୋଇଥିବାରୁ ଏହି ବର୍ଷା ଚାଷୀ ଓ ଚାଷ କାର୍ଯ୍ୟ ପାଇଁ ଘାତକ ହେବ ବୋଲି ଆଶଙ୍କା କରାଯାଉଛି।

## ରାଜସ୍ଥାନ ରାଜନୀତି: ବସୁନ୍ଧରା ରାଜେ ଗଢୁଛନ୍ତି ଅଲଗା ସଂଗଠନ

ଜୟପୁର, ୨୯।୧୧(ପି.ଏନ): ରାଜସ୍ଥାନ ରାଜନୀତିର ଗତି କୁଆଡେ। ଏହା କହିବା ବହୁତ ମୁସ୍କିଲ। କାରଣ ପଞ୍ଜାବ ପରି ରାଜସ୍ଥାନରେ ଘଡିକେ ଘୋଡା ଛୁଟୁଛି। ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ରାଜ୍ୟରେ କରିଛନ୍ତି ଶକ୍ତି ପ୍ରଦର୍ଶନ। ଏଥିରୁ ରାଜେଙ୍କ ବିଜେପି ସମାନ୍ତରାଳ ପାର୍ଟି ଗଠନ କରିବାର ସଙ୍କେତ ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଛଅ ଜିଲ୍ଲାରେ ନିଜର ଚାରି ଦିବସୀୟ 'ଧାର୍ମିକ ଯାତ୍ରା' ସମାପ୍ତ କରିବା ପରେ ରାଜସ୍ଥାନ ବିଜେପିରେ ଚହଳ ପଡି ଯାଇଛି। ତେବେ ରାଜ୍ୟ ବିଜେପି ସଭାପତି ସେମିତି କିଛି ହେଉନଥିବା କହି ପ୍ରଶ୍ନକୁ ଏଡାଇ ଯାଇଛନ୍ତି। ରାଜେ ଗତ ସପ୍ତାହରେ ଏକ 'ଧାର୍ମିକ ଯାତ୍ରା' ଆରମ୍ଭ କରିଥିଲେ। ଏଥିରେ ସେ ରାଜସ୍ଥାନର ସମସ୍ତ ମନ୍ଦିରରେ ପୂଜା କରିବା ସହ କୋଭିଡ୍-୧୯ରେ ପ୍ରାଣ ହରାଇଥିବା ବିଜେପି ନେତାଙ୍କ ପରିଜନଙ୍କୁ ଭେଟିଛନ୍ତି। ସେ ଉଦୟପୁର, ବାଂଶବାଡା, ଭିଲୱାଡା, ଆଜମେର, ପାଲି ଏବଂ ଚିତୌଗଡ ଜିଲ୍ଲାରେ ଯାତ୍ରା କରିଛନ୍ତି। ଏହି ସମୟରେ ଜନସଭାର ଆୟୋଜନ ମଧ୍ୟ ହୋଇଥିଲା। ବସୁନ୍ଧରା ଏହି ଯାତ୍ରା ଉପରେ ରାଜ୍ୟ ବିଜେପି କେନ୍ଦ୍ରୀୟ ନେତୃତ୍ୱକୁ ଏକ ରିପୋର୍ଟ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଯାତ୍ରାରେ ଯୋଗ ଦେଇଥିବା ବିଜେପି ବିଧାୟକ, ସାଂସଦ ଏବଂ ପୂର୍ବତନ ବିଧାୟକଙ୍କ ତାଲିକା ମଧ୍ୟ ପଠାଯିବ। ପାର୍ଟିର ପତାକାର ବ୍ୟବହାର, ବିଭିନ୍ନ ବୈଠକ ସମୟରେ ପ୍ରଦର୍ଶିତ ପୋଷ୍ଟର ଏବଂ ନାରାବାଜିର ମଧ୍ୟ ସୂଚନା ଦିଆଯିବ। ରାଜ୍ୟ ନେତୃତ୍ୱଙ୍କ ସବୁଠୁ ବଡ ଚିନ୍ତାର ବିଷୟ ରାଜେଙ୍କ ଏହି ଯାତ୍ରାରେ ଅନେକ ବିଧାୟକ ଏବଂ ସାଂସଦ ସାମିଲ୍ ହେବା ଏବଂ ଏଥିରେ ନେତାଙ୍କ ଜବରଦସ୍ତ ପ୍ରତିକ୍ରିୟା ଦେଖିବାକୁ ମିଳିବା।କିନ୍ତୁ ବସୁନ୍ଧରା ରାଜେ କହିଛନ୍ତି, ସେ ଏହି ସବୁ ଅଞ୍ଚଳର ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଯାଇଥିଲି ଏବଂ ବିଜେପି ନେତାଙ୍କ ଶୋକ ସନ୍ତପ୍ତ ପରିଜନ ପ୍ରତି ସମବେଦନା ବ୍ୟକ୍ତ କରିଛି। ବିଜେପି ନେତା ଅଶୋକ ସିଙ୍ଘଭି ମଧ୍ୟ କହିଛନ୍ତି, ଏହା କୌଣସି ରାଜନୈତିକ ଯାତ୍ରା ନଥିଲା। ରାଜେ ଏହା ମଧ୍ୟ କହିଛନ୍ତି ଯେ, ତାଙ୍କ ବୋହୂ ଅସୁସ୍ଥ ଥିବା କାରଣରୁ ସେ ରାଜ୍ୟର ବିଜେପି ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟିନଥିଲେ। ଏବେ କରୋନା ପ୍ରକୋପ କମିବାରୁ ମନ୍ଦିର ଦର୍ଶନ ସହ ନେତାଙ୍କ ପ୍ରିୟଜନଙ୍କୁ ସମ୍ମାନ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା।ରାଜେ କହିଛନ୍ତି, ଯଦି ରାଜ୍ୟ ନେତୃତ୍ୱ ରିପୋର୍ଟ ପଠାଇବାକୁ ଚାହାନ୍ତି ତେବେ ପଠାଇ ପାରିବେ। ହେଲେ ଏଥିରୁ ସେମାନଙ୍କୁ କିଛି ମିଳିବାର ନାହିଁ। ଅନେକ ସମୟରେ ରାଜେ ଏବଂ ବିଜେପି ମଧ୍ୟରେ ଅସନ୍ତୋଷ ଥିବା ପ୍ରତୀତମାନ ହୋଇଛି। ବେଳେ ବେଳେ ବିଜେପିର ପୋଷ୍ଟରରେ ବସୁନ୍ଧରା ରାଜେ ଗାଏବ ଥାଆନ୍ତି। ବିଶେଷ କରି ନିକଟ ଦିନରେ ରାଜ୍ୟ ପାର୍ଟି କାର୍ଯ୍ୟାଳୟରେ ଲାଗିଥିବା ପୋଷ୍ଟରରେ ରାଜେଙ୍କ ପୋଷ୍ଟର ନଥିଲା। ଏହା ପରେ ରାଜେ ଏବଂ ବିଜେପି ମଧ୍ୟରେ ସବୁ କିଛି ଠିକ୍ ନଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ଏବେ ରାଜେଙ୍କ ମନ୍ଦିର ଦର୍ଶନ ହେଉ କି ଜନସଭା, ସେଥିରେ ନେତାଙ୍କ ଆଗମନ ଛୁଟିବା ରାଜ୍ୟ ବିଜେପି ପାଇଁ ଚିନ୍ତାର କାରଣ ପାଲଟିଛି।

## ଗୋଟିଏ ଦିନରେ ୧୯୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୬୮୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୪୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୮୬୪ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୫୯ ରହିଛି। ଆଜି ଚିହ୍ନଟ ହୋଇଥିବା ୧୯୧ ଜଣଙ୍କ ମଧ୍ୟରୁ ୧୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୮୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ୨ ଓ ବାଲେଶ୍ୱର ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଭଦ୍ରକ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ୧ ଓ ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଟକରୁ ୧୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ, ଢେଙ୍କାନାଳ ଓ ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି। ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ସମ୍ବଲପୁରରୁ ୯ ଜଣ ଓ ସୋନପୁର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟ୍ ପୁଲରୁ ୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ମୁକ୍ତା ଯୋଜନାରେ ୪୦ଟି ପ୍ରକଳ୍ପ ପାଇଁ ମିଳିଲା ୪ କୋଟି, ମୁଖ୍ୟମନ୍ତ୍ରୀଙ୍କୁ ହିଞ୍ଜିଳିକାଟୁବାସୀଙ୍କ କୃତଜ୍ଞତା ଜ୍ଞାପନ

ହିଞ୍ଜିଳି, ୨୯।୧୧(ପି.ଏନ): ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନୀ ମଣ୍ଡଳୀ ହିଂଜିଳିକାଟୁର ଉନ୍ନତି ପାଇଁ ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁକ୍ତା ଯୋଜନାରେ ୪୦ଟି ପ୍ରକଳ୍ପ ନିମନ୍ତେ ୩ କୋଟି ୩ ଲକ୍ଷ ୭୬ ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିବାରୁ ଆଜି ହିଂଜିଳିକାଟୁବାସୀଙ୍କ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି। ସ୍ଥାନୀୟ ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ବିଜୁ ଜନତା ଦଳର ନଗର ସଭାପତି ଭୀମସେନ ବେହେରା ଓ ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ମୋହନ ପାଣିଗ୍ରାହୀ ସଂଯୋଜନାରେ ଆୟୋଜିତ ହୋଇଥିଲା ଏହି କୃତଜ୍ଞତା ସଭା। ସହର ମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଦା ସର୍ବଦା କାର୍ଯ୍ୟ କରି ଆସୁଥିବା ବେଳେ ବର୍ତ୍ତମାନ ମୁକ୍ତା ଯୋଜନା ଆଉ ଏକ ମାଇଲ ଖୁଣ୍ଟ।



ଏହି ପରିପ୍ରେକ୍ଷୀରେ ଶିଶୁ ଉଦ୍ୟାନ, ପବ୍ଲିକ ଜିମ୍, ଚାଲିବା ରାସ୍ତା, ପାର୍କ ପ୍ରମୁଖ ୪୦ ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩ କୋଟି ୩ ଲକ୍ଷ ୭୬ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିବାରୁ ନଗର ଯୁବ ସଭାପତି ସଞ୍ଜୟ କୁମାର ପଣ୍ଡା, ପ୍ୟାରୀ ମୋହନ ପାଢ଼ୀ, ବୈଜନ୍ତି ପଟ୍ଟନାୟକ, ଶିବରାମ ଗଉଡ଼, ସୁବାଷ ଚନ୍ଦ୍ର ପୋଲାଇ, ସୌମ୍ୟ ପଟ୍ଟନାୟକ ପ୍ରମୁଖ ମଂଚାସୀନ ରହି ଅଂଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ୫ ଟି ସଚିବଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଆସିକା ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ, କିରଣ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ଚନ୍ଦନ ପାତ୍ର ଏବଂ ବହୁ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।

## ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ମାସେ ସମୟ ମାଗିଲା ପୁଲିସ୍

ସାଲେପୁର, ୨୯।୧୧(ପି.ଏନ): ମାହାଙ୍ଗା ବହୁ ଚର୍ଚ୍ଚିତ ଡବଲ ମର୍ଡର ମାମଲାରେ ଆଜି ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ପୁଲିସ ପୁନଃ ତଦନ୍ତ ରିପୋର୍ଟ ଓ ମନ୍ତ୍ରୀଙ୍କ ତିନି ସହଯୋଗୀଙ୍କ ସିଡିଆର୍ ଦାଖଲ ହେବା କଥା। ହେଲେ ପୁଲିସ୍ ମାମଲାରେ ଟାଇମ୍‌ପିଟିସନ୍ ଦାଖଲ କରି ମାସେ ସମୟ ମାଗିଛି। ସେପଟେ ଏତଲାକାରୀ ମୃତ କୁଳମଣି ବରାଳଙ୍କ ପୁଅ ରମାକାନ୍ତ ବରାଳ ଆଜି ଆଉ ଏକ ପିଟିସନ୍ ଦାଖଲ କରିଛନ୍ତି। ମାତ୍ର ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ଛୁଟିରେ ଥିବାରୁ ଉଭୟ ମାମଲାର ବିଚାର ହୋଇପାରି ନାହିଁ।ଚଳିତ ବର୍ଷ ଜାନୁଆରୀ ଦୁଇ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ସଂପର୍କୀୟ ଦିବ୍ୟ ସିଂହ ବରାଳ(୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଭିତ୍ତି କରି ଏହି ହତ୍ୟାକାଣ୍ଡ ହୋଇଥିବା ବେଳେ ମାମଲାରେ ୧୩ ଜଣଙ୍କ ନାଁରେ



ଥାନାରେ ଅଭିଯୋଗ ହୋଇଥିଲା। ଏପରିକି ସ୍ଥାନୀୟ ବିଧାୟକ ତଥା ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ ମଧ୍ୟ ହୋଇଥିଲା ମାମଲା। ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିବା ନେଇ ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ କରିଥିଲେ।ଜେଏମ୍‌ଏଫ୍‌ସି କୋର୍ଟ ମାମଲାକୁ ବିଚାର କରି ୨୯ ତାରିଖ ସୁଦ୍ଧା ପୁନଃ ତଦନ୍ତ ରିପୋର୍ଟ ଓ ମନ୍ତ୍ରୀଙ୍କ ତିନି ସହଯୋଗୀଙ୍କ ସିଡିଆର୍ ଦାଖଲ କରିବାକୁ ପୁଲିସ୍ ?କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ପୁଲିସ ରିପୋର୍ଟ ଦାଖଲ କରିବା ପରିବର୍ତ୍ତ ମାମଲାକୁ ଗଡାଇବା ପାଇଁ ମାସେ ସମୟ ମାଗିଛି। ପୁଲିସ୍ ଜାଣିଶୁଣି ମାମଲାକୁ ଗଡାଉଛି ବୋଲି ରମାକାନ୍ତ ଅଭିଯୋଗ କରିଛନ୍ତି। ଏନେଇ କୋର୍ଟଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି। ସେପଟେ ଉକ୍ତ ହାଇପ୍ରୋଫାଇଲ୍ ମାମଲାକୁ ବିଚାର କରୁଥିବା ବିଚାରପତି ଛୁଟିରେ ଥିବାରୁ ମାମଲାର ବିଚାର ହୋଇପାରି ନାହିଁ।ନିୟମ ଅନୁସାରେ ଟେଲିକାମ୍ କମ୍ପାନୀ ଗୁଡିକ ଏକ ବର୍ଷ ପର୍ଯ୍ୟନ୍ତ କଲ୍ ରେକର୍ଡକୁ ସୁରକ୍ଷିତ କରି ରଖିଥାଆନ୍ତି। ଏକ ବର୍ଷ ପରେ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ କଲ୍ ରେକର୍ଡକୁ କମ୍ପାନୀ ଡିଲିଟ୍ କରିଥାଏ। ତେଣୁ ପୁଲିସ୍ ଜାଣିଶୁଣି ମାସ ସମୟ ନେଉଛି। ଯାହାଫଳରେ କଲ୍ ଡିଟେଲସ୍ ଆଉ ମିଳିପାରିବନି। ପ୍ରମାଣ ନଷ୍ଟ ହୋଇଯିବ। ସେଥିପାଇଁ ପୁଲିସ ମାସେ ସମୟ ମାଗିଛି ବୋଲି ରମାକାନ୍ତ ଅଭିଯୋଗ କରିଛନ୍ତି। ତେଣୁ ପୁଲିସ୍ ତୁରନ୍ତ ସିଡିଆର୍ ରିପୋର୍ଟ କୋର୍ଟରେ ଦାଖଲ କରୁ ବୋଲି ରମାକାନ୍ତ ଆଜି ପୁଣି ଥରେ କୋର୍ଟଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ରମାକାନ୍ତ କହିଛନ୍ତି- "ସାକ୍ଷୀମାନଙ୍କୁ ପ୍ରଭାବିତ ଗଡାଇବା ପାଇଁ ପୁଲିସ୍ ସମୟ ଗଡାଇ ଚାଲିଛି। ବର୍ଷ ହୋଇଗଲେ ଯେମିତି ସିଡିଆର୍ ରିପୋର୍ଟ ନଷ୍ଟ ହୋଇଯିବ, ସେକଥା ପୁଲିସ ଚାହୁଁଛି। ଯେହେତୁ ଏହି ମାମଲାରେ ମନ୍ତ୍ରୀ ନିଜେ ଅଛନ୍ତି, ତାଙ୍କ ବିରୋଧରେ ପୁଲିସ କଣ ପକ୍ଷେପ ନେବ ତେଣୁ ସେମାନଙ୍କ ଉପରେ ଚାପ ରହୁଛି।"


## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**







# ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଭାରତ-ଚୀନ୍ ଯୁଦ୍ଧର ସଂକ୍ଷିପ୍ତ ଇତିହାସ...



ଭାରତ ଋଇନା ସୀମାନ୍ତରେ ୧୯୬୨ରେ ଯେଉଁ ପରିସ୍ଥିତି ଥିଲା ଆଜି ୨୦୨୧ ମଧ୍ୟ ସେ ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଆମ ଭାରତୀୟ ଜବାନଙ୍କର ବୀରତ୍ୱର ଗାଥା ଦୃଢ଼ ମନୋବଳ, ଇଚ୍ଛାଶକ୍ତି, ଦେଶପ୍ରେମ ସାହସିକତାର ଏବଂ ଦୁଃସାହସିକତାର ପ୍ରମାଣ ଋଇନା ଭଲ ଭାବରେ ଜାଣିଥିବାରୁ ସୀମାନ୍ତରେ ଦାଦାଗିରି କରି ଅସ୍ଥିରତା ସୃଷ୍ଟି କରିବାପାଇଁ ପଛଘୁଞ୍ଚା ଦେବାକୁ ବାଧ ହେଉଛି ।

ଅଣଷଠି ବର୍ଷ ତଳେ ଅକ୍ଟୋବର ୨୦, ୧୯୬୨ ଆଜିର ଦିନରେ ସୂର୍ଯ୍ୟ ଛୁଇଁବା ପୂର୍ବରୁ ଦେଶର ଉତ୍ତରପୂର୍ବ ସୀମାନ୍ତରେ ଘୋଟି ଆସିଥିଲା ଏକ ଭୟଙ୍କର ଯୁଦ୍ଧର ଘନଘଟା । ଅକ୍ଟୋବର ୧୯ ତାରିଖ ରାତ୍ରିପ୍ରାୟ ୧୧ଟା ବେଳେ ଅରୁଣାଚଳପ୍ରଦେଶର ଦୌଲତ-ବେଗ-ଓଲଡ଼ି ସେକ୍ଟରରେ ଚିପଋପ ନାଳ ନିକଟସ୍ଥ ଏକ ଆଗୁଆ ଭାରତୀୟ ଘାଟି ଉପରେ ଚୀନ ସେନାର ଆକ୍ରମଣ ସହ ଆରମ୍ଭ ହୋଇଥିଲା ଲଢ଼େଇ । ପରଦିନ ସକାଳ ବେଳକୁ ଏକ ଫୁଲ-ସ୍କେଲ ଭାରତ-ଚୀନ ଯୁଦ୍ଧରେ ପରିଣତ ହୋଇସାରିଥିଲା । ବିବାଦର କାରଣ ? ଭାରତ ଚୀନ ତିବ୍ବତ ମଧ୍ୟରେ ଆନ୍ତର୍ଜାତିକ ସୀମା ନିର୍ଦ୍ଧାରଣ କରୁଥିବା "ମ୍ୟାକମୋହନ" ଲାଇନ୍ ବ୍ରିଟିଶ ଶାସନ କାଳରେ ୧୯୧୪ ଜୁଲାଇ ତିନି ତାରିଖରେ ଧାର୍ଯ୍ୟ "ମ୍ୟାକମୋହନ ଲାଇନ୍"କୁ ଭାରତ ଓ ତିବ୍ବତ ବାଧ୍ୟବାଧକତାରେ ସ୍ୱୀକାର କରିଥିବା ବେଳେ ଚୀନ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା । ଅରୁଣାଚଳ ସମେତ ଉତ୍ତର-ପୂର୍ବ ସୀମାନ୍ତରେ ବ୍ୟାପକ ଭାରତୀୟ ଅଂଚଳ ଉପରେ ଚୀନ ତା'ର ସାର୍ବଭୌମତ୍ୱ ଦାବି କରିଥିଲା । ତେବେ ମୋ ପାଇଁ ତଥା ମୋ ଭାରତମାତା ପାଇଁ ଏ ଯୁଦ୍ଧ ଥିଲା ଏକ ଦୁଃସ୍ୱପ୍ନ । ଯାହାକି ପଛପଟୁ ଛୁରାମାଡ଼ ଭଳି । ଚୀନସହ '୬୨'ର ଏହି ଏକମାସ ବ୍ୟାପି ଯୁଦ୍ଧରେ ଭାରତମାତାକୁ ଯେଉଁ ଆଘାତ ଲାଗିଥିଲା, ତା'ର କ୍ଷତ ଆଜି ଅଣଷଠି ବର୍ଷପରେ ମଧ୍ୟ ଆହୁରି ଅଧିକରୁ ଅଧିକ ତାଜା ରହିଛି । ଏହା ଏକପ୍ରକାର ଏକତରଫା ଯୁଦ୍ଧରେ ଚୀନ ହାତରେ ପରାଭବର ଗ୍ଲାନି ଆଜି ବି ଭାରତୀୟ ସେନାକୁ ଭୂତ ହୋଇ ଗୋଡ଼ାଉଛି । ଚୀନ ପକ୍ଷରୁ ଏକତରଫା ଯୁଦ୍ଧ ବିରତି ଘୋଷଣା ପରେ ନଭେମ୍ବର ୨୦ ତାରିଖରେ ସମାପ୍ତ ହୋଇଥିବା ଏ ଯୁଦ୍ଧରେ ପ୍ରତିପକ୍ଷ ଚୀନର ଯେତିକି ସଂଖ୍ୟକ ସୈନିକଙ୍କ ମୃତ୍ୟୁ ହୋଇଥିଲା, ସହୀଦ ହୋଇଥିବା ଭାରତୀୟ ଜବାନଙ୍କ ସଂଖ୍ୟା ଥିଲା ତା'ର ଦୁଇଗୁଣ । ଚୀନର ପ୍ରାୟ ୭୦୦ ସୈନ୍ୟ ଯୁଦ୍ଧଭୂଇଁରେ ପ୍ରାଣ ହରାଇଥିବାବେଳେ, ଭାରତୀୟ ସେନାର ୧୩୮୨ ଜବାନ ନିହତ ହୋଇଥିଲେ । ହଜାର ହଜାର ସଂଖ୍ୟାରେ ଭାରତୀୟ ସୈନିକ ଆହତ ହୋଇଥିଲେ । ଏବେ ବି ମ୍ୟାକମୋଇନ ଲାଇନ ଅନୁଯାୟୀ ଅନେକ ଭାରତୀୟ ଅଞ୍ଚଳ ଚୀନ ସେନାର ଦଖଲରେ ।

ଯୁଦ୍ଧରେ କାହିଁକି ଭାରତକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଲା ? ବିଗତ ଛଅ ଦଶକ ମଧ୍ୟରେ ଏହି ପ୍ରଶ୍ନ ଉପରେ ପୂର୍ବରୁ ଅନେକ ଆଲୋଚନା ହୋଇଛି । କିନ୍ତୁ ଆଜି ଯୁଦ୍ଧର ଅଣଷଠି ବର୍ଷ ପୂର୍ତ୍ତୀ ଅବସରରେ ଏହା ସାନି ଆଲୋଚନାର ଅପେକ୍ଷା ରଖୁଛି । ଆଲୋଚନା ଓ ସମିକ୍ଷା ଏଥିପାଇଁ କି ଜରୁରୀ ଯେ ଭାରତ ଚୀନ ସୀମାନ୍ତରେ ୧୯୬୨ ଯେଉଁ ପରିସ୍ଥିତି ଥିଲା, ଆଜି ୨୦୨୧ରେ ମଧ୍ୟ ସେହି ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଗୋଟିଏ ପଟେ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇ ଏକ ବିଲିୟନ ଡ଼ଲାରର ନିକଟବର୍ତ୍ତୀ ହୋଇଥିବାବେଳେ ଅନ୍ୟ ପକ୍ଷରେ ଦୁଇଦେଶ ମଧ୍ୟରେ ସୀମା ବିବାଦ ଅସମାହିତ ହୋଇରହିଛି । ନିୟମିତ କଥାବାର୍ତ୍ତା ଋଲିଥିଲେ ମଧ୍ୟ ମୋଟାମୋଟି ନିଷ୍ଫଳ ରହିଛି ଏବଂ ସୀମାରେ ଉତ୍ତେଜନାପୂର୍ଣ୍ଣ ଅସ୍ୱାଭାବିକତା ବଳବତ୍ତର ରହିଛି । ୧୯୬୨ ଚୀନ ସହ ଯୁଦ୍ଧରେ ବିପର୍ଯ୍ୟୟ ଭାରତୀୟ ସେନାର ବିଫଳତା ଏକ ଇସ୍ତାହାର ଅପେକ୍ଷା ଅଧିକ ଭାରତୀୟ ରାଜନୈତିକ ନେତୃତ୍ୱର ବିଫଳତାର ଏକ ଦୁଃଖଦ କାହାଣୀ । ଭାରତୀୟ ବିପର୍ଯ୍ୟୟର ଅନୁଧ୍ୟାନ ପାଇଁ ଲେଫ୍ଟନାଣ୍ଟ ଜେନେରାଲ ହେଣ୍ଡରସନ୍ ବ୍ରୁକ୍ସ ଏବଂ ବ୍ରିଗେଡ଼ିୟର ପି.ଏସ୍ ଭଗତଙ୍କୁ ନେଇ ଗଠିତ କମିଶନଙ୍କ ରିପୋର୍ଟ ଆଜିପର୍ଯ୍ୟନ୍ତ ସରକାରୀ ସିନ୍ଦୁକ ମଧ୍ୟରେ ବନ୍ଦ ରହିଥିଲେ ମଧ୍ୟ ସ୍ୱାଧୀନ ପର୍ଯ୍ୟବେକ୍ଷକଙ୍କ ନଜରରୁ ତାହା ଲୁଚି ରହିପାରିବ ନାହିଁ । ପର୍ଯ୍ୟବେକ୍ଷକଙ୍କ ମତରେ ତତ୍କାଳୀନ ନେତୃତ୍ୱ ରାଜନୈତିକ ଦୃଷ୍ଟିରୁ ଦୁର୍ବଳ ଥିବାରୁ ଚୀନ ସହ ସୀମାବିବାଦର ଗଭୀରତାକୁ ଠିକ୍‌ଭାବେ ଆକଳନ କରିପାରି ନ ଥିଲେ ଏବଂ ତତ୍‌ସହିତ ଏକ ଅପ୍ରସ୍ତୁତ ସେନାକୁ ଯୁଦ୍ଧଭୂଇଁକୁ ଠେଲି ଦେଇଥିଲେ । ଯାହା ଆତ୍ମଘାତୀ ସାବ୍ୟସ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ଭାରତ-ଚୀନ ମଧ୍ୟରେ ଯୁଦ୍ଧର ପରିଣାମରେ ଅତ୍ୟନ୍ତ ମର୍ମାହତ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁ ମଧ୍ୟ ଏହା ସ୍ୱିକାର କରିଥିଲେ । "ଆମେ ଦିନେ ତିଆରି କରିଥିବା ଏକ ଅବାସ୍ତବ ଦୁନିଆରେ ନିଜର ଅବାସ୍ତବ ଖିଆଲରେ ବୁଡ଼ି ରହିଥିଲୁ ।" ନେହେରୁଙ୍କ ଏହି ଉକ୍ତି ଏହାର ସ୍ୱିକାରୋକ୍ତି ଯେ, ଭାରତୀୟ ନେତୃତ୍ୱ ବାସ୍ତବତାକୁ ଠିକ୍ ଭାବେ ବୁଝିପାରିନଥିଲେ । କୁଟନୈତିକ କଥାବାର୍ତ୍ତାର ପରଦା ଆଢୁଆଳରେ ଲୁଚିଥିବା ଚୀନର ଋେର ପ୍ରକୃତିର ସ୍ୱଭାବକୁ ଏବଂ ହଠାତ୍ ଉଗ୍ର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଠଉରାଇ ପାରି ନ ଥିଲେ ।

୧୯୫୯ରେ ତିବ୍ବତରୁ ଦଲାଇଲାମାଙ୍କ ପଳାୟନ ଏବଂ ଭାରତରେ ଶରଣ ପରଠାରୁ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା ଏବଂ ଚୀନ ପକ୍ଷରୁ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିଲା । ଭିତରେ ଭିତରେ ଭାରତର ଅଲକ୍ଷ୍ୟରେ ସୀମାନ୍ତରେ ପ୍ରାୟ ୯୦ ହଜାର ବର୍ଗ କିଲୋମିଟର ଭାରତୀୟ ତିବ୍ବତୀୟ ଅଞ୍ଚଳ ନିଜ ଅକ୍ତିଆରକୁ ନେଇ ରେଳପଥ ଓ ରାସ୍ତା ନିର୍ମାଣ କରି ଚୀନ ସାମରିକ ଦୃଷ୍ଟିରୁ ନିଜପାଇଁ ଏକ ସୁବିଧାଜନକ ସ୍ଥିତି ସୃଷ୍ଟି କରିପାରିଥିଲା ।। ଏ ବିଷୟରେ ଭାରତୀୟ ଗୁଇନ୍ଦା ପାଖରେ କୌଣସି ରିପୋର୍ଟ ନଥିଲା । ଗୋଟିଏପଟେ କୂଟନୈତିକ କଥାବାର୍ତ୍ତାରେ ଭାରତକୁ ବ୍ୟସ୍ତରଖି ଅନ୍ୟପଟେ ଚୀନ୍ ସୀମାନ୍ତରେ ସୈନ୍ୟ ଠୁଳ କରିଚାଲିଥିଲା । ଅଧିକନ୍ତୁ ଅଧିକ ଭାରତୀୟ ଅଞ୍ଚଳରେ ଚୀନ ସେନାର ଅନୁପ୍ରବେଶ ଜାରି ରହିଥିଲା । ସଂସଦରେ ବିରୋଧୀ ସମାଲୋଚନାର ଋପରେ ଯେତେବେଳେ ରାଜନୈତିକ ନେତୃତ୍ୱ ଅନୁପ୍ରବେଶକାରୀ ଚୀନସେନାଙ୍କୁ ହଟାଇବା ପାଇଁ ଆଦେଶ ଦେଲେ ସେତେବେଳେ ଏହି ଆଦେଶକୁ କାର୍ଯ୍ୟକାରୀ କରିବାପାଇଁ ଭାରତୀୟ ସେନା ହଠାତ ରାଜି ହୋଇପାରି ନ ଥିଲେ । ସେନା କର୍ତ୍ତୃପକ୍ଷ ଜାଣିଥିଲେ ଅନୁପ୍ରବେଶକାରୀଙ୍କୁ ହଟାଇବାଲାଗି ସାମରିକ କାର୍ଯ୍ୟାନୁଷ୍ଠାନର ଅର୍ଥ ପ୍ରତିପକ୍ଷ ସହ ଯୁଦ୍ଧ । ସାଂପ୍ରତିକ, ସ୍ୱାଧୀନତା ରାଜନୈତିକ ପରିସ୍ଥିତି ସହ ଅପ୍ରସ୍ତୁତ ସାମରିକ କୌଶଳ ଅଶକ୍ତସ ଅଭାବହେତୁ ଯୁଦ୍ଧ ପାଇଁ କିନ୍ତୁ ଭାରତୀୟ



ସେନା ପ୍ରସ୍ତୁତ ନଥିଲା । ଉଭୟ ସୈନ୍ୟବଳ ଓ ସାଧନା ଅଭାବ ଥିଲା । କିନ୍ତୁ ଶେଷରେ, ତତ୍କାଳୀନ ଭାରତୀୟ ସେନାମୁଖ୍ୟ ପି.ଏନ୍. ଥାପରଙ୍କ କୁଣ୍ଠା ସତ୍ତ୍ୱେ ରାଜନୈତିକ ନେତୃତ୍ୱଙ୍କ ଋପରେ ଭାରତୀୟ ସେନାକୁ ବିନା ପ୍ରସ୍ତୁତିରେ ଯୁଦ୍ଧଭୂଇଁକୁ ଓହ୍ଲାଇବାକୁ ପଡ଼ିଥିଲା ।

ଏଠାରେ ମୁଁ ଅତ୍ୟନ୍ତ ଗର୍ବର ସହିତ ଲେଖିବାକୁ ଋହେଁ ଯେ ମୋ ସେନାବାହିନୀର ବୀରତ୍ୱର ଗାଥା ଅବର୍ଣ୍ଣନୀୟ । ମୋ ସେନା ପାଖରେ ବୀରତ୍ୱର ଅଭାବ ନ ଥିଲା । ଅଭାବ ଥିଲା କମାଣ-ବାରୁଦର ଅଭାବ । ଥିଲା ଅନ୍ୟ ସାମରିକ ସାମଗ୍ରୀର । ଉତ୍ତର-ପୂର୍ବର ହାଡ଼ଭଙ୍ଗା ଶୀତରେ ଭାରତୀୟ ଜବାନଙ୍କ ପାଖରେ ଗରମ ପୋଷାକ ନଥିଲା କି ଚମଡ଼ା ଯୋତା ନଥିଲା । ଚରମ ପ୍ରତିକୂଳ ପରିବେଶରେ ଏକ ଶକ୍ତିଶାଳୀ ପ୍ରତିପକ୍ଷ ସେନାସହ ଭାରତୀୟ ଜବାନମାନଙ୍କୁ ଲଢ଼ିବାକୁ ପଡ଼ିଥିଲା । ଆଜି ଯୁଦ୍ଧର ଅଣଷଷ୍ଠି ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଜବାନ ମାନଙ୍କୁ ସଲାମ ଜଣାଇବାକୁ ହେବ । କାରଣ ସେମାନଙ୍କ ପରମ ବୀରତ୍ୱ ଓ ଚରମ ତ୍ୟାଗ ଯୋଗୁଁ ହିଁ ଶତୃବାହିନୀ ଅଧିକ ଆଗକୁ ବଢ଼ିପାରି ନ ଥିଲେ ଓ ଯୁଦ୍ଧରେ ବିରାମ ନେବାକୁ ବାଧ ହୋଇଥିଲେ । ସେହି ସମୟରେ ଭାରତୀୟ ସେନାଧକ୍ଷ ପି.ଏନ୍. ଥାପର ଘୋଷଣା ବି କରିଥିଲେ ଯେ ଆମେ ହାରିନାହୁଁ କି ଚୀନ ମଧ୍ୟ ଜିତିନାହିଁ । ଏହା ତାଙ୍କର ଭାବବିହ୍ୱଳତାର ଗହନ କଥା ଥିଲା ।

ବିଫଳତାରୁ ମଣିଷ ଶିକ୍ଷାଲାଭ କରେ । କିନ୍ତୁ ୧୯୬୨ର ବିଫଳତାରୁ ଭାରତୀୟ ନେତୃତ୍ୱ ବିଶେଷ କିଛି ଶିକ୍ଷାଲାଭ କରିପାରି ନାହାନ୍ତି । ଭାରତୀୟ ସୀମାନ୍ତରେ ୫୯ ବର୍ଷ ତଳେ ଯେଉଁ ନିରାପତ୍ତା ପରିବେଶ ଥିଲା, ଆଜିର ପରିବେଶ ତା'ଠାରୁ ବିଶେଷ କିଛି ଭିନ୍ନ ନୁହେଁ । ବରଂ କୁହାଯାଇପାରେ ପରିବେଶ ଅଧିକ ଖରାପ । କିନ୍ତୁ ସେହି ଅନୁପାତରେ ଭାରତର ସାମରିକ ପ୍ରସ୍ତୁତି ପର୍ଯ୍ୟାପ୍ତ ନୁହେଁ । ତିନି ସେନାର ଆଧୁନିକୀକରଣ କାର୍ଯ୍ୟ ମନ୍ଥର । ରାଜନୈତିକ ଦିଗ୍‌ଭ୍ରଷ୍ଟ ଅଭାବରୁ ହଜାର ହଜାର କୋଟି ଟଙ୍କା ବଜେଟରେ ବ୍ୟବସ୍ଥା ଥିଲେ ମଧ୍ୟ ପ୍ରତିରକ୍ଷା ସାମଗ୍ରୀ କିଣାଯାଇ ପାରୁନାହିଁ । ସେନାରେ ହଜାର ହଜାର ସଂଖ୍ୟାରେ ଅଫିସର ପଦବୀ ଖାଲି ପଡ଼ିଛି । ବହୁସଂଖ୍ୟାରେ ଜବାନ ଆଗୁଆ ଅବସର ନେଉଛନ୍ତି । ସାମରିକ ସରଞ୍ଜାମ କ୍ଷେତ୍ରରେ ଚାହିଦା ଓ ଯୋଗାଣ ମଧ୍ୟରେ ବିରାଟ ପାର୍ଥକ୍ୟ ରହିଛି । ପ୍ରତିରକ୍ଷା ପ୍ରସଙ୍ଗରେ କୁହାଯାଏ, ନିରନ୍ତର ପ୍ରସ୍ତୁତି ଏବଂ ସଜାଗ ହିଁ ନିରାପତ୍ତାର ଗ୍ୟାରେଣ୍ଟି । ସେନା ପ୍ରସ୍ତୁତ ଓ ସଜାଗ ଥିବାରୁ ୧୯୬୭ ଏବଂ ୧୯୮୬ରେ ଚୀନର ଆଉ ଦୁଇଟି ଆକ୍ରମଣ ଉଦ୍ୟମକୁ ପ୍ରତିହତ କରାଯାଇ ପାରିଥିଲା । କିନ୍ତୁ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ୧୯୩୦ର ପ୍ରସ୍ତୁତି ଓ ବନ୍ଧୁକ ଗୋଳା ଧରି ଭାରତୀୟ ସେନା ୧୯୬୨ର ଯୁଦ୍ଧ ଲଢ଼ିଲା । ଏବେ ୨୦୨୧ରେ ସେନାପାଖରେ ୧୯୬୦ର ପ୍ରସ୍ତୁତି ଓ ଗୋଳାବାରୁଦ ରହିଛି । ଏହି ମନ୍ତବ୍ୟରେ ସାମାନ୍ୟ ଅତିରଞ୍ଜିତ ଥିଲେ ମଧ୍ୟ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ସମୟ ଓ ପରିବର୍ତ୍ତନ ପରିବେଶ ସହ ଭାରତୀୟ ସେନାର ପ୍ରସ୍ତୁତି ସମାନୁପାତିକ ନୁହେଁ । ତେଣୁ ଆଜି ସମୟ ଆସିଛି ବିଗତ ଅଭିଜ୍ଞତାର ଶିକ୍ଷାଲାଭ କରି ଚୀନ ସହ ଯୁଦ୍ଧର ଅଣଷଷ୍ଠି ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ସେନାକୁ ବିଶ୍ୱର ସାମରିକ ଇତିହାସରେ ନମ୍ବର ୱାନ୍ କରିବା ସହିତ ଏକ ଅତ୍ୟାଧୁନିକ ଶକ୍ତିଶାଳୀ ବାହିନୀରେ ପରିଣତ କରିବାଲାଗି ନିଆଯାଇଥିବା ସଂକଳ୍ପକୁ କ୍ଷେତ୍ର ସ୍ତରରେ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏହାହିଁ ହେବ ୬୨ର ପୁନରାବୃତ୍ତି ବିରୋଧରେ ଶ୍ରେଷ୍ଠ ରକ୍ଷାକବଚ । ଶେଷରେ ସାମରିକ ଏକାଡ଼େମୀରୁ ପଦୁଟିଏ କୁହାଯାଇଛି ଯେ-

ପଛଘୁଞ୍ଚା ନାହିଁ ବୀରର ଜାତକେ
ନମରେ ସେ କେବେ ପରାଣ ଆତଙ୍କେ ।।
ପଛରୁ ଆଘାତ କରେ ଯେଉଁ ଦେଶ
ଗର୍ବ ନୁହେଁ ସେତ କିନ୍ନର ସଦୃଶ୍ୟ ।।
ଭାରତ ହାରିନି ଚାଇନା ଜିତିନି
ଭାରତ ମାତାର ଏ ନୁହେଁ କାହାଣୀ ।।
ପାକିସ୍ଥାନ ନୁହେଁ ଋଇନା ଆମର
ଶତୃ ଅଟେ ସେହି ଭାରତ ମାତାର ।।
ବେଳହୁଁ ଋଇନା ହୁଅ ସାବଧାନ
ଧ୍ୱଂସ କରିଦେବେ ଭାରତ ଜବାନ୍ ।।

**ପ୍ରଦୀପ ସେନାପତି**
*ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସରକ୍ଷା ସଂଗଠନ, ଓଡ଼ିଶା ଓ ରାଜ୍ୟସ୍ତରୀୟ ସାମ୍ବାଦିକ ଓଡ଼ିଶା ନ୍ୟୁଜ ସର୍ଭିସ, ଓଡ଼ିଶା, ଜିଲ୍ଲାପାଳ ରୋଡ଼, ଭଦ୍ରକ ମୋ-୯୪୩୮୪୪୬୫୭୫*

# କାଳଜୟୀ ଗଣକବି ବୈଷ୍ଣବ ପାଣି

ମାନବ ସୃଷ୍ଟି ସମୟରୁ ହିଁ ସାହିତ୍ୟର ସୃଷ୍ଟି ଘଟିଛି । ସାହିତ୍ୟର ମୂଳଉତ୍ସ ମନୁଷ୍ୟର ହୃଦୟ ଓ ଆତ୍ମାରେ ନିତ୍ୟ ବିଦ୍ୟମାନ । ସାହିତ୍ୟ ଓ ସୃଷ୍ଟି ମୁଦ୍ରାର ଦୁଇପାର୍ଶ୍ୱ, ଗୋଟିକୁ ଛାଡ଼ି ଅନ୍ୟଟି ତିଷ୍ଠି ରହିବା ଅସମ୍ଭବ । ଯେଉଁ ସାହିତ୍ୟରେ ଚିତ ଆଲୋକିତ ଓ ପ୍ରାଣ ପୁଲକିତ ହୁଏ, ମନୋରାଜ୍ୟରେ ଖେଳିଯାଏ ଅପୂର୍ବ ଶିହରଣ, ସେହି ଓଡ଼ିଆ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା ହେଉଛନ୍ତି ଗଣକବି ବୈଷ୍ଣବ ପାଣି । ଯାହାର ସାଧନା, ତ୍ୟାଗ ଓ ଅବଦାନରେ ଓଡ଼ିଆ ସାହିତ୍ୟ ଅଜି ଉଜ୍ଜୀବିତ । ବୈଷ୍ଣବ ପାଣି ପବିତ୍ର କୁମାର ପୂର୍ଣ୍ଣିମା ଶୁକ୍ରବାର ରାତ୍ରୀ ତୁଳା ୧୨ ଦିନ ତା୨୭.୧୦.୧୮୮୨ ମସିହାରେ ଅବିଭକ୍ତ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୋଠପଦା ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଜାତକର ପଚଂମ ଭାବରେ ତୃତୀୟାଧିପତି ରବି, ଲଗ୍ନ ଓ ଚତୁର୍ଥାଧିପତି ବୁଧ ଏବଂ ଏକାଦଶାଧିପତି ମଙ୍ଗଳ ଏକତ୍ର ଅବସ୍ଥିତ ଏବଂ ପଚଂମ ଭାବସ୍ଥ ଗ୍ରହକୁ ବୃହସ୍ପତି ଦୃଷ୍ଟି ଅଛି । ମଙ୍ଗଳ ଓ ଶୁକ୍ରଙ୍କର ଗୃହ ପରିବର୍ତନ ଯୋଗୁ ସେ ଜଣେ ଶ୍ରେଷ୍ଠ କବି ହୋଇ ପାରିଛନ୍ତି । ତାଙ୍କ ପିତାଙ୍କ ନାମ ସୁଦର୍ଶନ ପାଣି ଓ ମାତାଙ୍କ ନାମ ଚାନ୍ଦ ଦେବୀ । ସେ ବାଲ୍ୟାବସ୍ଥାରୁ ରୋଗାକ୍ରାନ୍ତ ଥିଲେ । ତାଙ୍କୁ ପୁରୀର ବଡ଼ଛତା ମଠକୁ ନେଇ ବୈଷ୍ଣବ ନାମରେ ନାମିତ କରି ସେଠାରେ ଛାଡ଼ି ଦିଆଯାଇଥିଲା । ତାଙ୍କର ପିଲା ବେଳର ନାମ ଥିଲା ଶତ୍ରୁଘ୍ନ । ଅଭାବୀ ପରିବାର ଓ ଅର୍ଥ ଅଭାବରୁ ଷଷ୍ଠ ଶ୍ରେଣୀରୁ ବୈଷ୍ଣବଙ୍କ ପାଠପଢ଼ାରେ ଡ଼ୋରି ବନ୍ଧା ହୋଇଥିଲା । ବହୁ କଷ୍ଟରେ ତାଙ୍କର ପିତାମାତା ଏଗାରବର୍ଷ ବୟସରେ ବ୍ରତୋପନୟନ କରାଇଥିଲେ । ପେଟ ପୋଷିବା ପାଇଁ ତାଙ୍କୁ ଗାଈ ଚରାଇବାକୁ ପଡୁଥିଲା । ପରେ ସେ କୋଠପଦା ମଠରେ ରୋଷେଇଆ ଭାବରେ ରହିଲେ । ମଠର ବଗିଚାରୁ ଫୁଲ ତୋଳୁଥିବା ବେଳେ ତାଙ୍କର ଗୀତଶୁଣି ମଠର ମହନ୍ତ ତାଙ୍କୁ ଯାତ୍ରା



ଦଳରେ ନେଇଥିଲେ । ସେଠାରୁ ତାଙ୍କର କଳା ପ୍ରତିଭା ପ୍ରକାଶ ପାଇଲା । ପରେ ପରେ ସେ ପାଲାଗାୟକ ଓ ନୃତ୍ୟରେ ଗୃହ ଶିକ୍ଷକ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଜୀବନ ଅତିବାହିତ କରୁଥିଲେ । କିଛି ଦିନ ପରେ ସେ ଯାତ୍ରାଦଳରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଇଲେ ।

୧୯୦୩ ମସିହାରେ ନାଟ୍ୟକାର ଭାବେ 'ମେଘନାଦ ବଧ' ରଚନା ରିଥିଲେ । ଏହି ନାଟକ ଥିଲା ତାଙ୍କର ପ୍ରଥମ ସୃଷ୍ଟି, ପରେ ପରେ ସେ ଅନେକ ଗୀତିନାଟ୍ୟ, ନାଟକ, ଭଜନ, ଜଣାଣ, ଚଉତିଶା, ସୁଆଙ୍ଗ, ଫାର୍ସ ଓ ଅନ୍ୟାନ୍ୟ ସମାଜ ସଚେତନମୂଳକ ବିଷୟ ରଚନା କରିଥିଲେ । ସେ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗୀତ ପରିବେଷଣ କରି ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସରକାରଙ୍କ ନିର୍ଦ୍ଦେଶରେ ବହୁ ସମର ସଙ୍ଗୀତ ରଚନା କରି ପୁରସ୍କାର ଲାଭ କରିଥିଲେ । କନିକା ରାଜ୍ୟରେ ସେ ଜଣେ ଯାତ୍ରା ଜଗତର ଗୁରୁ ଭାବେ ପରିଚିତ ହୋଇଥିଲେ । ୧୯୦୧ ମସିହାରେ ବୈଷ୍ଣବ ପାଣି ଦେବିଲ ଗ୍ରାମ ନିବାସୀ ଜୟରାମ ପଣ୍ଡାଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ଦାରିଦ୍ର୍ୟତା ତାଙ୍କୁ ଅନେକ କଷ୍ଟ ଦେଇଥିଲା । ଜୀବନର ପ୍ରତି ସୋପାନରେ ଦୁଃଖ, ଯନ୍ତ୍ରଣା, କଷ୍ଟ ଓ ଅପମାନ ଭୋଗ କରିଥିଲେ । ତଥାପି ସେ ସାହିତ୍ୟକୁ ନିଜର ବୃତି ବୋଲି ଧରି ନେଇଥିଲେ । ତାଙ୍କର ଲେଖାଗୁଡ଼ିକ ଧନୀ, ଗରିବ, ଉଚ୍ଚ, ନୀଚ ନ ମାନି ସମସ୍ତଙ୍କ ପାଖରେ ପହଂଚିପାରୁଥିଲା । ତାଙ୍କର ଗୀତିନାଟ୍ୟ ଦେଶାତ୍ମବୋଧକ ଚିନ୍ତାଧାରା ଓ ସମାଜ ସଂସ୍କାରକ ଉପରେ ଆଧାରିତ । ସେ ଅନୁଭବ କରିଥିଲେ ସୁଖ , ସୁବିଧା ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସାହିତ୍ୟ ସୃଷ୍ଟି ଅସମ୍ଭବ । ଓଡ଼ିଶାର ଗୀତିନାଟ୍ୟକାର ନାୟକ ହିସାବରେ ସେ ବହୁ ଉର୍ଦ୍ଧ୍ୱରେ । ତାଙ୍କର ହାସ୍ୟ ଓ ବ୍ୟଙ୍ଗଭରା ଗୀତନାଟ୍ୟ ଅତି ହୃଦୟସ୍ପର୍ଶୀ ।

ଗଣକବି ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ସୁଆଙ୍ଗ ପ୍ରାୟ ତିରିଶ ଖଣ୍ଡରୁ ଉର୍ଦ୍ଧ୍ୱ, ଗୀତାଭିନୟ ୨୫ ଖଣ୍ଡ , ୬୫ଟି କାବ୍ୟ, ଗୀତିନାଟ୍ୟ ପ୍ରାୟ ୧୨୦ ଖଣ୍ଡରୁ ଅଧିକ । ତାଙ୍କର ରଚନା ମଧ୍ୟରୁ ଅନେକ ପ୍ରକାଶିତ ହୋଇଛି । ତାଙ୍କର ଅନେକ ରଚନା ଲୋକଲୋଚନକୁ ଆସିପାରିନାହିଁ । ସେ ନିଜର ଏକ ଆତ୍ମକାହାଣୀ ରଚନା କରିଥିଲେ । ଆର୍ଥିକ ଅନାଟନ ଓ ଶାରୀରିକ ଅସୁସ୍ଥତା ମଧ୍ୟରେ ସେ ଜୀବନ ଅତିବାହିତ କରୁଥିଲେ । ଆର୍ଥିକ ସାହାଯ୍ୟ ପାଇଁ ହରେକୃଷ୍ଣ ମହାତାବଙ୍କ ପାଖକୁ ପତ୍ର ପ୍ରେରଣ କରିଥିଲେ । ପରିଶେଷରେ ୧୯୫୬ ମସିହାରେ ବୈଶାଖ ମାସ ଅମାବାସ୍ୟା ଗୁରୁବାର ଦିନ ମେ' ମାସ ୧୦ ତାରିଖରେ ୭୪ ବର୍ଷରେ ସେ ସ୍ୱର୍ଗାରୋହଣ କରିଥିଲେ । ୧୯୭୪ ମସିହାରେ ତାଙ୍କୁ ମରଣୋତର ଗଣକବି ଉପାଧି ପ୍ରଦାନ କରାଯାଇଥିଲା । ତାଙ୍କର ଗୀତାଭିନୟ ସୁଆଙ୍ଗ ଗୀତିନାଟ୍ୟ, ଫାର୍ସ, ଭଜନ, ଜଣାଣ, ଉପନ୍ୟାସ ଓ ଡୁଏଟ୍ ପାଇଁ ସେ ଗଣକବି କାଳଜୟୀ ସାହିତ୍ୟସ୍ରଷ୍ଟା ଭାବେ ଆମ୍ଭମାନଙ୍କର ହୃଦୟରେ ସବୁଦିନ ପାଇଁ ଅମର ହୋଇ ରହିବେ ।

**ଅକ୍ଷୟ କୁମାର ରାଉତ,**
**ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର,**
**ମୋ-୯୯୩୭୬୯୧୪୭୫**

## ସାହାସପୁରା ପଞ୍ଚାୟତରେ ଭୂତ ଖାଉଛି ଭତ୍ତା

ବାଲେଶ୍ୱର (ପିଏନ୍):-ବାହାନଗା ବ୍ଲକ ଅନ୍ତର୍ଗତ ସାହାସପୁରା ପଞ୍ଚାୟତରେ ଭତ୍ତା ପ୍ରଦାନରେ ଅନିୟମିତତା ଅଭିଯୋଗ ହୋଇଛି । କେତେକ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଅର୍ଥ ଉଠା ହୋଇଥିବା ଅଭିଯୋଗ ହେଉଛି । ଘଟଣାରୁ ପ୍ରକାଶ ଯେ ୧୬ ତାରିଖ ଦିନ ୩ ଜଣ ମୃତ ବ୍ୟକ୍ତିଙ୍କୁ ଭତ୍ତା ଦିଆଯାଇଥିବାରୁ ସେ ବାବଦରେ ଅଞ୍ଚଳବାସୀ ପାଟିତୁଣ୍ଡ କରିଥିଲେ । ସୀତା ଦଳେଇଙ୍କର ୭ ମାସ ପୂର୍ବରୁ ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ତାଙ୍କର ନାମରେ ଭତ୍ତା ଟଙ୍କା ଉଠାଯାଇଛି । ସେହିପରି ସେକ ଆଇନଲ, ହାନିଫା ବିବିଙ୍କର ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଛି । ଏହାକୁ କେନ୍ଦ୍ର କରି ଉପସ୍ଥିତ ଜନସାଧାରଣ, ସମିତି ସଭ୍ୟ ସୁଶାନ୍ତ ପଣ୍ଡା ପ୍ରମୁଖ ଭତ୍ତା ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ କରିଥିଲେ । ଏହାର ସଠିକ୍ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବୀ କରିଛନ୍ତି । ଅନ୍ୟ ପକ୍ଷରେ ପଞ୍ଚାୟତରେ ମାତ୍ର ୫ ଜଣଙ୍କୁ ଭତ୍ତା ଅନଲାଇନରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଦିଆଯାଉଥିବା ବେଳେ ମଧୁବାବୁ ଭତ୍ତା ୧୯୮, ଇନ୍ଦିରାଗାନ୍ଧୀ ଭତ୍ତା ୯୭ ଓ ଦିବ୍ୟାଙ୍ଗ ଭତ୍ତା ୯୪ ଏହିପରି ମୋଟ ୩୮୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଳାମ୍ବର ମାହାଲିକ ପ୍ରକାଶ କରିଛନ୍ତି ।

## କେନ୍ଦ୍ରାପଡାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଡା. ପଟ୍ଟନାୟକ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଉପଲକ୍ଷେ ଏକ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ସଚେତନତା ରଥ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ଅଞ୍ଚଳ ୧୦ଦିନ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଋର କରିବ । ସାମାଜିକ, ଅର୍ଥନୈତିକ ଏବଂ ଶାରୀରିକ ଅସୁସ୍ଥତା କାରଣରୁ ବୌଦ୍ଧିକ ବିକାଶ ହୋଇପାରୁ ନଥିବା ବିକଳାଙ୍ଗତା, ମାନସିକ ଋପ, ବିମମେନସିଆ, ସିଜୋକ୍ରେନିଆ ଆଦି ମାନସିକ ରୋଗ ଦେଖାଯାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଅତ୍ୟଧିକ ମାନସିକ ଋପରୁ ନିବୃତ୍ତ ରହିବା, ଯୋଗ ଓ ଶାରୀରିକ ପରିଶ୍ରମ ନିୟମିତ କରିବା, ମାଦକ ଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଓ ପୃଷ୍ଟିକର ଖାଦ୍ୟ ଖାଇବା ଦ୍ୱାରା ମାନସିକ ରୋଗଠାରୁ ଜଣେ ଲୋକ ଦୂରେଇ ରହିପାରିବ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବର ବେଗ୍ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ମାନସିକ ରୋଗୀଙ୍କ ପାଇଁ ଚିକିତ୍ସା ଓ ଔଷଧ ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଉପଲବ୍ଧ ହେଉଛି ବୋଲି ସୂଚନା ଦେଇଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶାନ୍ତିଲତା ଚାନ୍ଦ ବୈଠକ ସଂଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇନ୍ଦୁପୁର ପାୟଲ ମ୍ୟୁଜିକସ୍କୁଲ ପାଇଲା ପ୍ରକୃତିମିତ୍ର ପୁରସ୍କାର

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରର 'ପାୟଲ ମ୍ୟୁଜିକ ସ୍କୁଲ' କେନ୍ଦ୍ରାପଡା ବ୍ଲକ ପାଇଁ ୨୦୨୧ ମସିହାର ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ହୋଇଛି । ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଜଙ୍ଗଲ, ବନ୍ୟପ୍ରାଣୀ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଓ ସର୍ବସାଧାରଣଙ୍କ ସହଯୋଗରେ ବ୍ୟାପକ ବୃକ୍ଷରୋପଣ କରି ସମୃଦ୍ଧ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଓଡିଶା ସରକାର ପ୍ରତିବ୍ଲକରେ ଗୋଟିଏ ଗୋଟିଏ ଅନୁଷ୍ଠାନକୁ ପ୍ରକୃତିମିତ୍ର ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରିଥାନ୍ତି । ଚଳିତ ବର୍ଷ ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ପାୟଲ ମ୍ୟୁଜିକ ସ୍କୁଲ ଏହି ପ୍ରକୃତିମିତ୍ର ପୁରସ୍କାର ପାଇଛି । ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ରାଜନଗର ବନଖଣ୍ଡ ଅଧିକାରୀ ଡଃ. ଯଜ୍ଞଦତ୍ତ ପତି ଓ ସହକାରୀ ବନ ସଂରକ୍ଷକ ବିରଞ୍ଚି ନାରାୟଣ ସାମଲ ଯୋଗଦେଇଥିଲେ । ପ୍ରକୃତିମିତ୍ର ପୁରସ୍କାରକୁ ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଗ୍ରହଣ କରିଥିଲେ । ଆହୁରି ଆଗକୁ ବ୍ୟାପକ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଥିବା ଶ୍ରୀ ସାମଲ ଏହି ସଭାରେ ଘୋଷଣା କରିଥିଲେ । ପ୍ରକୃତିମିତ୍ର ପୁରସ୍କାର ପାଇଥିବାରୁ ପାୟଲ ମ୍ୟୁଜିକସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ଉଲ୍ଲସିତ ହୋଇପଡିଛନ୍ତି ।।

## ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ତୈଳ/ରନ୍ଧନ ଗ୍ୟାସ/ ଅତ୍ୟାବଶକୀୟ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ରାସ୍ତା ଅବରୋଧ

ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ରଂଜିତ ପାତ୍ରଙ୍କ ନେତୃତ୍ୱରେ ତୈଳ / ରନ୍ଧନଗ୍ୟାସ / ଅତ୍ୟାବଶ୍ୟକୀୟ ସାମଗ୍ରୀର ଭୟଙ୍କର ଦରବୃଦ୍ଧି ପ୍ରତିବାଦରେ ମାଷ୍ଟରକ୍ୟାଂଟିନଠାରେ ଜନପଥ ରାସ୍ତାକୁ ଦେଢ଼ଘଂଟା ଧରି ଅବରୋଧ କରାଯାଇଥିଲା । ଦରବୃଦ୍ଧି ପଛରେ ଖଳନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ରଂଜିତ ପାତ୍ର କହିଛନ୍ତି ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ନିଷ୍ପତିରେ ଆଜି ପେଟ୍ରୋଲ/ଡିଜେଲ/ରନ୍ଧନଗ୍ୟାସ ଓ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଅତି ଅମାନବିୟ ଭାବରେ ବୃଦ୍ଧି କରାଯାଇଛି । ସାଧାରଣ ଜନତା ଅନୁଭବ କରୁଛନ୍ତି ରାଜ୍ୟରେ ଓ ଦେଶରେ ଆଉ ଗଣତନ୍ତ୍ରର ଶାସନ ନାହିଁ । ଏଠାରେ ହିଟଲରୀ ଶାସନ ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲେ ପେଟ୍ରୋଲ/ ଡିଜେଲ ଦର ୪୦ଟଙ୍କାରେ ସୀମିତ ରଖିବେ । ମନମୋହନ ସିଂ ସରକାରଙ୍କୁ ଲୋକଲୋଚନରେ ବଦନାମ କରିବାପାଇଁ ଏମାନେ ରାଜରାସ୍ତାରେ ଚିତ୍କାର କରୁଥିଲେ । ସେତେବେଳେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୧୨୦ ଡଲାର ଥିବା ବେଳେ ଭାରତରେ ପେଟ୍ରୋଲ ଲିଟର ୬୫ ଟଙ୍କା ଓ ଡିଜେଲ ଲିଟର ୫୫ ଟଙ୍କା ଓ ରନ୍ଧନଗ୍ୟାସ ଟାଙ୍କି ୩୫୦ ଟଙ୍କାରେ ମିଳୁଥିଲା । ଏବେ ମୋଦି ସରକାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୩୦ ଡଲାରୁ ୮୦ ଡଲାର ପର୍ଯ୍ୟନ୍ତ ଯାଇଛି । ହେଲେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ପାର ହୋଇଥିବା ବେଳେ ରନ୍ଧନଗ୍ୟାସ ଟାଙ୍କି ୧୦୦୦ ଟଙ୍କାରେ ପଂହଚିଛି । ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ମୋଦି ସରକାରର ଏହି ଦରବୃଦ୍ଧି ଅତ୍ୟାଚାରକୁ ସମର୍ଥନ କରୁଛନ୍ତି । ଯୁବ ବିଜେଡ଼ି ଦଳ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । କାରଣ ନବୀନ ସରକାରରେ ମଧ୍ୟ ଏହି ଦରବୃଦ୍ଧିରେ ବଡ଼ ଅଂଶ ରହିଛି । ସୁତରାଂ ଦରବୃଦ୍ଧି ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଋଲୁ ରହିବ ବୋଲି ଶ୍ରୀ ପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ସଂକୁନା କହଁର, କୃଷ୍ଣ ମହାନ୍ତି, ସୁବ୍ରତ ମହାପାତ୍ର, ସାଗର ପଟ୍ଟନାୟକ, ସୁରଜ ରାଉତ, ବଳରାମ ନନ୍ଦ, ବିଶ୍ୱଜିତ ଦାସ, ଅବଦୁଲ ସାହାରୁଖ ଖାନ, ସାସ୍ୱତ ନନ୍ଦ, ପିୟୁଷ ରଂଜନ ଜେନା, ପ୍ରତ୍ୟୁଷ ପ୍ରଧାନ, ପ୍ରତ୍ୟୁଷ କହଁର, ରାଜେଶ ନାୟକ, ସିଦ୍ଧାର୍ଥ ମଲ୍ଲିକ, ସାମସନ ଦାସ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଇଂ ପ୍ରହଲ୍ଲାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା (ପିଏନ୍) : ଇଂ ଅଧିକାରୀ ପ୍ରହଲ୍ଲାଦ ଦାସଙ୍କ ଏକାଦଶାହ ଉପଲକ୍ଷେ ଟାଉନବଳରାମପୁରସ୍ଥିତ ଶ୍ରଦ୍ଧାଞ୍ଜଳି ପ୍ୟାଲେସରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ଆଇନଜୀବୀ ପ୍ରଦିପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସମାଜସେବା ପ୍ରତି ଥିବା ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏଥିରେ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା,ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ସମାଜସେବୀ ଇଂ ମୂରଲୀଧର ସେଠୀ, ଡିଏସପି କାର୍ତ୍ତିକ ମଲ୍ଲିକ,ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ ପ୍ରମୁଖ ଯୋଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସରୋଜ ସାହୁ, ନିହାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ପୁତ୍ର ପ୍ରତାପ ଚନ୍ଦ୍ର ଦାସ ଆଲୋକ ସାହୁ, ରାକେଶ ମହାପାତ୍ର, ରଞ୍ଜିତ ସାହୁ, ମଙ୍ଗଳବରଣ ସିଂ, ହିରଣ୍ୟ ପଣ୍ଡା, ପ୍ରକୃତିବନ୍ଧୁ ପାର୍ଥସାରଥୀ ବେହେରା, ଶକ୍ତିକାନ୍ତ ପାତ୍ର, ଲେଲିନ ସ୍ୱାଇଁ, ଅମୀୟ ନାୟକ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ବିଜେପି ନେତା ସୁନାକର ବେହେରା, ଉପିନ ରାଉତ, ଗୋବିନ୍ଦ ଚନ୍ଦ୍ର ମହାରଣା, ସମାଜସେବୀ ସନ୍ତୋଷ କୁମାର ବେହେରା, ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସାଇନାଥ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା ।




# ଏମ୍.ଏସ୍.ପିର ପ୍ରଥମେ ଆଇନଗତ ବ୍ୟବସ୍ଥା କରାଯାଉ :କିଷାନ କଂଗ୍ରେସ

ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ବିଜେପି ସରକାର ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ ୧ ବର୍ଷ ତଳେ ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଥିଲେ ଏହା ସମଗ୍ର ଦେଶର ଚାଷ ଓ ଚାଷୀକୁଳ ପାଇଁ ଅହିତ ଥିଲା। ଯାହାକି ସ୍ୱୟଂ ପ୍ରଧାନମନ୍ତ୍ରୀ ଏହି ଆଇନଟିକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହେଲେ। ଏଥିରେ ଚାଷୀ ସମାଜର ନୈତିକ ବିଜୟ ଘଟିଲା। ଆଜି ସଂସଦରେ ଏହି ପ୍ରସଙ୍ଗଟି ଆଗତ କରାଯାଇ ରଦ୍ଦ କରାଗଲା। କିନ୍ତୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର ଚାଷୀଙ୍କ ମୌଳିକ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ପ୍ରତିବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଯାହା କିଛି ବୃଦ୍ଧି ଘଟୁଛି ତାହା ଚାଷୀର ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ସମୁଦ୍ରକୁ ଶଙ୍ଖେ। ଏହାବ୍ୟତୀତ ପ୍ରଚଳିତ ଏମ୍.ଏସ୍.ପି ମଧ୍ୟ ଚାଷୀ ପାଉ ନାହିଁ। ବିଭିନ୍ନ ଆଳରେ ମିଲରଠାରୁ ଆରମ୍ଭ କରି ପ୍ରଶାସନ ସ୍ତରର ମନମାନୀରେ ଚାଷୀ ଅଣ୍ଡର ରେଟ୍‌ରେ ଶସ୍ୟ ବିକିବାକୁ ବାଧ୍ୟ ହେଉଛି। ତେଣୁ କେନ୍ଦ୍ର ସରକାର ସର୍ବ ପ୍ରଥମେ ଏମ୍.ଏସ୍.ପିର ଆଇନଗତ ବ୍ୟବସ୍ଥା କରିବାକୁ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ସହିତ ଉପାଧ୍ୟକ୍ଷ ସୁବାଷ ରାଉତ, ଶଶି ଭୂଷଣ ପାତ୍ର, ଉମେଶ ସାହୁ, ମହେନ୍ଦ୍ର ପରିଡ଼ା ଓ ଜିଲ୍ଲା ଚାଷୀ ନେତା ସାନନ୍ଦ ମିଶ୍ର, ରଘୁନାଥ ପଲିଆ, ନରେନ୍ଦ୍ର ପଣ୍ଡା, ବୃନ୍ଦାବନ ଖଟେଇ, ସନ୍ତୋଷ ସାହୁ, ବିପ୍ରବର ସାହୁ, ଭୋବନାନନ୍ଦ ସାମଲ, ଦାଶରଥି ସାହୁ, ଭବାନୀ ଶଙ୍କର ରଥ, ଗୋବିନ୍ଦ ମିଶ୍ର, ଉପେନ୍ଦ୍ର ସାହୁ, ନିରଞ୍ଜନ ବେହେରା, ନାରାୟଣ ପରିଡ଼ା ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି। ଯଦି ଖୁବ୍ ନିକଟରେ କେନ୍ଦ୍ର ସରକାର ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ ନ କରନ୍ତି, କିଷାନ କଂଗ୍ରେସ ପକ୍ଷରୁ କେନ୍ଦ୍ର ବିଜେପି ସରକାର ବିରୁଦ୍ଧରେ ଆଗାମୀ ଦିନରେ ପ୍ରତି ବ୍ଲକସ୍ତରରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନର ଚାଷୀନେତାମାନେ ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟରେ କରୋନାରୁ ୨୨୧ ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,(ପି.ଏନ): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୨୨୧ ଜଣ ଆକ୍ରାନ୍ତ କରୋନା ମହାମାରୀରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୮ ହଜାର ୮୫ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୨ ଜଣ ଅଛନ୍ତି। ସେହିପରି କଟକ ଜିଲ୍ଲାରୁ ୨୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ଲୋକ ବିକାଶ ପକ୍ଷରୁ ସହିଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ଫୁଲନଖରା, (ପି.ଏନ): କଟକ-ଭୁବନେଶ୍ୱର ୧୬ ନଂ ଜାତୀୟ ରାଜପଥ ଲକ୍ଷେଶ୍ୱର ମନ୍ଦିର ନିକଟ ନଖରାସ୍ଥିତ ସହିଦ ମାର୍କେଟ କମ୍ପ୍ଲେକ୍ସ ପରିସରରେ ସହିଦ ରଘୁ ସର୍ଦ୍ଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଲୋକ ବିକାଶ ସଚିବ ଡ଼ାକ୍ତର ବିଶ୍ୱନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାଂ କୁମାର ରାଉତ ଯୋଗ ଦେଇ ସହିଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରିବା ସହ ସହିଦ ମାର୍କେଟ କମ୍ପ୍ଲେକ୍ସ ଏବଂ ମାଗଣା ସ୍ୱାସ୍ଥ୍ୟ ସେବା ଓ ଔଷଧ ବିତରଣ ଶିବିରକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ ସୁଜ୍ଞାନ ଚୌଧୁରୀ , ସୁଧାଂଶୁ ମହାପାତ୍ର ଏବଂ ଅତିଥି ଭାବରେ ସରପଞ୍ଚ ରଶ୍ମିତା ସାହୁ, ସୁରେନ୍ଦ୍ରନାଥ ଛୋଟରାୟ, ବଂଶୀଧର ଭୋଳ, ଗଣେଶ ପ୍ରସାଦ ଦାଶ, ପଦ୍ମନାଭ ପଟ୍ଟନାୟକ, ଗୋକୁଳାନନ୍ଦ ପଟ୍ଟନାୟକ, ପ୍ରମିଳା ମହାଁ, ଯୁଧିଷ୍ଠିର ଖଟୁଆ, ପ୍ରଫେସର ଉଦ୍ଧବ ଚରଣ ନାୟକ, ପାଣ୍ଡବ ଚରଣ ଧଳ, ସୁବଳ ବେହେରା ପ୍ରମୁଖ ଯୋଗ ଦେଇ କଟକ ଜିଲ୍ଲା ୪୨ମୌଜାର ଏକ ନିପଟ ମଫସଲରେ ଜନ୍ମ ଗ୍ରହଣ କରି ସହିଦ ରଘୁ ସର୍ଦ୍ଦାରଙ୍କ ପ୍ରଚଣ୍ଡ ଦେଶ ଭକ୍ତ ଓ ବହୁରୂପି ପ୍ରତିଭା ବିଷୟରେ ସୂଚନା ଦେଇଥିଲେ ।ଏଥିରେ ସମାଜସେବୀ ଅକ୍ଷୟ କୁମାର ଲେଙ୍କା, ସୁକୁମାର ସାହୁ, କୁନମୁନ ମହାଁ ,କେଦାରନାଥ ଜେନା, ବ୍ରହ୍ମାନନ୍ଦ ସାହୁ, ପଣ୍ଡିତ ତ୍ରିନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ୨ରୁ ୫ ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,(ପି.ଏନ): ଆସନ୍ତା ୩୦ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨ରୁ ୫ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ଲଘୁଚାପ ଓ ତତଜନିତ ବର୍ଷା ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ବା ଏସଆରସି । ସେ କହିଛନ୍ତି ଆଣ୍ଡାମାନ ସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଧୀରେ ଧୀରେ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୨ ତାରିଖରୁ ବଙ୍ଗୋପସାଗର ଅଶାନ୍ତ ହେବ।

# ପଠାଣି ସାମନ୍ତ ମେଧାବୃତି ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କଲେ ଜଗଦିଶ୍ୱର

ଚଣ୍ଡିଖୋଲ,(ପି.ଏନ୍):ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୧ ପଠାଣି ସାମନ୍ତ ମେଧାବୃତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗତି ରାଉତପାଟଣାର ୯ମ ଶ୍ରେଣୀର ଛାତ୍ର ଶ୍ରୀମାନ ଜଗଦିଶ୍ୱର ବେହୁରା କଟକ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ପଠାଣି ସାମନ୍ତ ମେଧାବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବଡ଼ଚଣା ବ୍ଲକ୍ ଶିକ୍ଷା ମଣ୍ଡଳ ଅଧିନସ୍ଥ ରାହାଳ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କ ପୁତ୍ର ଶ୍ରୀମାନ ଜଗଦିଶ୍ୱର କରୋନା ମହାମାରୀ ସମୟରେ ବିଦ୍ୟାଳୟର ପ୍ରତ୍ୟକ୍ଷ ଶିକ୍ଷଣ କାର୍ଯ୍ୟକ୍ରମ ବନ୍ଦ ଥିବା ବେଳେ ଗୁରୁଜନମାନଙ୍କ ପ୍ରେରଣା ଓ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କର ଅନ୍



ଲାଇନ୍ ଶିକ୍ଷଣକୁ ପାଥେୟ କରି ଶ୍ରୀମାନ ଜଗଦିଶ୍ୱର ଏହି ସଫଳତା ପାଇଛନ୍ତି। ପୂର୍ବରୁ ପଂଚମ ଶ୍ରେଣୀ ପଠାଣି ସାମନ୍ତ ମେଧାବୃତି ପରୀକ୍ଷାରେ ମାହାଙ୍ଗା ବ୍ଲକ୍‌ରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ସମୟରେ ପଂଚମ ଶ୍ରେଣୀରେ ମଧ୍ୟ ଗୋପମେଧା ବୃତି ହାସଲ କରିଥିଲେ। ଶ୍ରୀମାନ ଜଗଦିଶ୍ୱର ପାଠ ପଢ଼ା ସହିତ ବକ୍ତୃତା, ସଂଗୀତ, ନୃତ୍ୟ ଆଦି କ୍ଷେତ୍ରରେ ପାରଦର୍ଶତା ଲାଭ କରି ବହୁ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି। ତାଙ୍କର ଏ ସଫଳତା ପାଇଁ ପିତା ମାତା, ଗୁରୁଜନ, ଗୁରୁଜୀ-ଗୁରୁମାଙ୍କର ପ୍ରତ୍ୟେକ୍ଷ ପ୍ରେରଣା ଓ ଆର୍ଶିବାଦ ସହିତ ସର୍ବୋପରି ଭଗବାନଙ୍କର ଆଶିର୍ବାଦ ଯୋଗୁଁ ଏ ସଫଳତା ମିଳିଛି ବୋଲି ସେ କହିଛନ୍ତି। ଉଚ୍ଚ ଶିକ୍ଷା ଲାଭ କରି ସେ ରାଷ୍ଟ୍ରସେବାରେ ନିଜକୁ ନିୟୋଜିତ କରିବା ସହିତ ସମାଜର ଅବହେଳିତ, ନିଷ୍ପେଷିତ ଓ ନିର୍ଯ୍ୟାତିତ ଲୋକମାନଙ୍କର ସେବା କରିବେ ବୋଲି କହିଛନ୍ତି।

# ସମ୍ଭାବ୍ୟ ତୃତୀୟ ଲହର ପାଇଁ ସଜାଗ ହେବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): କୋଭିଡ୍-୧୯ ର ସମ୍ଭାବ୍ୟ ତୃତୀୟ ଲହର ପ୍ରତିରୋଧ ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ ଓ ସକ୍ରିୟ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସବୁ ଜିଲ୍ଲାର ଜିଲ୍ଲାପାଳ, ଏସ୍.ପି. ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ ବର୍ତମାନ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ ଆରମ୍ଭ ହୋଇଛି । ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଜିବୀକା ନିର୍ବାହ ସହିତ ସଂପୃକ୍ତ ସମସ୍ତ ଅନୁଷ୍ଠାନ, ସଂସ୍ଥା ଏବଂ କାର୍ଯ୍ୟକ୍ରମଗୁଡ଼ିକ ପୁନଃ ଆରମ୍ଭ ହୋଇଛି। ତେଣୁ ଏହି ସମୟରେ ସମ୍ଭାବ୍ୟ ତୃତୀୟ ଲହରର ପ୍ରଭାବ ରୋକିବା ନିମନ୍ତେ ଆମକୁ ଅଧିକ ସତର୍କ, ସଜାଗ ଓ କ୍ରିୟାଶୀଳ ହେବାକୁ ପଡ଼ିବ। ମଣ୍ଡଳ ଉନ୍ନୟନ ଅଧିକାରୀ, ସରପଂଚ, ୱାର୍ଡମେମ୍ବର, ଅଙ୍ଗନାବାଡ଼ି କର୍ମୀ, ଗ୍ରାମ ଓ ପଂଚାୟତ ସ୍ତରୀୟ ସରକାରୀ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ମାଧ୍ୟମରେ ସବୁ ଅଂଚଳର ବାସ୍ତବ ସ୍ଥିତି ବିଷୟରେ ସଠିକ୍ ସୂଚନା ସଂଗ୍ରହ ସହ କୌଣସି ସ୍ଥାନରେ କୋଭିଡ୍ ସଂକ୍ରମଣ ଜଣାପଡ଼ିବା ମାତ୍ରେ ଲକ୍ଷଣ ପ୍ରକାଶ ପାଇବାମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।ଏହାଛଡ଼ା ଘରକୁ ଘର ଅଭିଯାନ ମାଧ୍ୟମରେ କୋଭିଡ୍ ଟିକାକରଣକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଟିକାକରଣର ଗ୍ରାମ ସ୍ତରୀୟ କାର୍ଯ୍ୟ-ଯୋଜନାକୁ ଅଗ୍ରାଧିକାର ଭିତିରେ କାର୍ଯ୍ୟାନ୍ୱୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କହଥିଲେ ଯେ କେତେକ ଦେଶରେ କୋଭିଡର ଏକ ନୂଆ ମିଶ୍ରିତ ପ୍ରକାର ଦେଖାଇଛି। ଏହା ଅଧିକ ମିଶ୍ରିତ ଏବଂ ତୀବ୍ର ହେବାର ସମ୍ଭାବନା ରହିଛି । ତେଣୁ ୧୮ ରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକଙ୍କର ଶତ ପ୍ରତିଶତ ଟିକାକରଣ ଆମ ପାଇଁ ଏକ ବଡ଼ ପ୍ରତିରୋଧକ ହେବ । କୋଭିଡ୍ ପରୀକ୍ଷା କଲାବେଳେ 'ଜେନୋମିକ୍ ସିକୁଏନ୍ସିଂ' କରାଇବା ପାଇଁ ମଧ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ନିର୍ଦ୍ଦେଶ ଦେଇଥିଲେ । କୋଭିଡ୍ ନିରାକରଣ ବ୍ୟବହାର ଯଥା ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା ଏବଂ ସାନିଟାଇଜର ବ୍ୟବହାର ଆଦିକୁ କଡାକଡି ଭାବେ ପ୍ରବର୍ତନ କରାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ନିୟମ ଭଙ୍ଗ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଜୋରିମାନା ଆଦାୟ ଆଦିକୁ ଅଧିକ ସଘନ ଓ ବ୍ୟାପକ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ କୋଭିଡ୍-୧୯ ମୃତକଙ୍କ ଉତରାଧିକାରୀଙ୍କୁ ଅନୁକଂପା ସହାୟତା ରାଶି ପ୍ରଦାନ ପ୍ରକ୍ରିୟାକୁ ଜନ ସାଧାରଣଙ୍କ ନିମନ୍ତେ ଅଧିକ ସରଳ ଓ ସୁଗମ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ) : ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚ୍‌ସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚ୍‌ଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚ୍‌ାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ। ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚ୍‌ିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ । ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ। ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚ୍‌ାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହୁଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚ୍‌ାଳନା ନିର୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚ୍‌ୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ। ଆୟୋଜନର ସୁପରିଚ୍‌ାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚ୍‌ନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଳି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂରକ୍ଷଣ ଚିଠା ପ୍ରକାଶ

କେନ୍ଦ୍ରାପଡା (ପିଏନ୍): ଆଗାମୀ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ନିମନ୍ତେ ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସରପଞ୍ଚ ଓ ସମିତିସଭ୍ୟ ପଦ ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶନ କରାଯାଇଛି। ସେହି ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ୩୨ଟି ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ସଂରକ୍ଷିତ ହୋଇଥିବା ଚିଠା ତାଲିକା ହେଉଛି ଆଳି ବ୍ଲକର ୧ ନଂ ଜୋନ - ଅନୁସୂଚିତ ଜାତି ମହିଳା, ୨ ନଂ.- ଅସଂରକ୍ଷିତ, ୩ନଂ- ମହିଳା, ୪ନଂ- ଅସଂରକ୍ଷିତ। କେନ୍ଦ୍ରାପଡ଼ା ବ୍ଲକର ୫ ନଂ. ଜୋନ - ଅନୁସୂଚିତ ଜାତି ମହିଳା, ୬ ନଂ.-ମହିଳା, ୭ ନଂ- ଅନୁସୂଚିତ ଜାତି ମହିଳା, ୮ ନଂ- ଅସଂରକ୍ଷିତ। ଗରଦପୁର ବ୍ଲକ ୯ ନଂ ଜୋନ - ମହିଳା, ୧୦ ନମ୍ବର- ଅସଂରକ୍ଷିତ, ୧୧ ନଂ- ମହିଳା। ଡେରାବିଶ ବ୍ଲକ ୧୨ ନଂ- ଅସଂରକ୍ଷିତ, ୧୩ ନଂ- ଅନୁସୂଚିତ ଜାତି, ୧୪ ନଂ.- ଅସଂରକ୍ଷିତ। ପଟ୍ଟାମୁଣ୍ଡାଇ ୧୫ ନଂ. ଜୋନ- ଅନୁସୂଚିତ ଜାତି ମହିଳା, ୧୬ ନଂ- ଅନୁସୂଚିତ ଜାତି, ୧୭ ନଂ- ପଛୁଆବର୍ଗ ମହିଳା, ୧୮ ନଂ- ଅନୁସୂଚିତ ଜାତି। ମହାକାଳପଡ଼ା ୧୯ ନଂ. ଜୋନ - ପଛୁଆବର୍ଗ ମହିଳା, ୨୦ ନଂ.- ପଛୁଆବର୍ଗ, ୨୧ ନଂ- ପଛୁଆବର୍ଗ ମହିଳା, ୨୨ ନଂ - ପଛୁଆବର୍ଗ, ୨୩ ନଂ - ଅନୁସୂଚିତ ଜନଜାତି ମହିଳା। ମାର୍ଶାଘାଇ ବ୍ଲକ ୨୪ ନଂ- ପଛୁଆବର୍ଗ, ୨୫ ନଂ- ପଛୁଆବର୍ଗ ମହିଳା, ୨୬ ନଂ- ମହିଳା। ରାଜକନିକା ବ୍ଲକ ୨୭ ନଂ- ପଛୁଆବର୍ଗ ମହିଳା, ୨୮ ନଂ- ଅସଂରକ୍ଷିତ, ୨୯ ନଂ- ମହିଳା। ରାଜନଗର ବ୍ଲକ ୩୦ ନଂ- ଅସଂରକ୍ଷିତ, ୩୧ ନଂ- ଅସଂରକ୍ଷିତ ଓ ୩୨ ନଂ ଜୋନ- ଅସଂରକ୍ଷିତ ରହିଛି। ସେହିପରି ଜିଲ୍ଲାର ୯ଟି ବ୍ଲକ ଅଧ୍ୟକ୍ଷ ପଦ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆଳି ବ୍ଲକ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି, କେନ୍ଦ୍ରାପଡ଼ା ଅନୁସୂଚିତ ଜାତି ମହିଳା, ଗରଦପୁର ପଛୁଆବର୍ଗ, ଡେରାବିଶ ପଛୁଆବର୍ଗ ମହିଳା, ପଟ୍ଟାମୁଣ୍ଡାଇ ଅସଂରକ୍ଷିତ ମହିଳା, ମହାକାଳପଡ଼ା ଅସଂରକ୍ଷିତ ମହିଳା, ମାର୍ଶାଘାଇ ଅସଂରକ୍ଷିତ, ରାଜକନିକା ଅସଂରକ୍ଷିତ ଓ ରାଜନଗର ବ୍ଲକ ଅଧ୍ୟକ୍ଷ ପଦ ଅସଂରକ୍ଷିତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କେନ୍ଦ୍ରାପଡା ବ୍ଲକର ୨୭ଟି ପଞ୍ଚାୟତର ସରପଞ୍ଚ ପଦ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆୟବା-ସରପଞ୍ଚ ପଦ ଅସଂରକ୍ଷିତ ମହିଳା, ଇନ୍ଦୁପୁର- ପଛୁଆବର୍ଗ ମହିଳା, ଓସ୍ତପୁର- ଅସଂରକ୍ଷିତ, କଳପଡା- ପଛୁଆବର୍ଗ, କପାଳେଶ୍ୱର- ଅସଂରକ୍ଷିତ, କୁତରଙ୍ଗ- ପଛୁଆବର୍ଗ ମହିଳା, କେଶପୁର-ଅସଂରକ୍ଷିତ ମହିଳା, ଗାଙ୍ଗପଡା- ପଛୁଆବର୍ଗ, କଂସାର- ଅସଂରକ୍ଷିତ ମହିଳା, ଗୁଲନଗର- ପଛୁଆବର୍ଗ ମହିଳା, ଘାଗରା- ଅସଂରକ୍ଷିତ ମହିଳା, ଚକ୍ରୋଡା-ଅସଂରକ୍ଷିତ ମହିଳା, ଚନ୍ଦନପୁର- ଅନୁସୂଚିତ ଜାତି, ଉରିଗାଁ -ଅସଂରକ୍ଷିତ ମହିଳା, ଜମଧର-ଅସଂରକ୍ଷିତ, ଢୋଲ-ଅସଂରକ୍ଷିତ, ଧୂମାତ-ଅନୁସୂଚିତ ଜାତି ମହିଳା, ପଳସିଂହା- ଅସଂରକ୍ଷିତ, ନିକିରାଇ- ଅନୁସୂଚିତ ଜାତି ମହିଳା, ପୁରୁଷୋତ୍ତମପୁର-ଅନୁସୂଚିତ ଜାତି ମହିଳା, ବଗଡା- ଅସଂରକ୍ଷିତ, ବାରୋ-ଅନୁସୂଚିତ ଜାତି ମହିଳା, ଭରତପୁର-ଅସଂରକ୍ଷିତ ମହିଳା, ଭାଗବତପୁର- ଅସଂରକ୍ଷିତ, ଶ୍ୟାମସୁନ୍ଦରପୁର-ଅନୁସୂଚିତ ଜାତି, ସାନମାଣତିଆ-ଅନୁସୂଚିତ, କୋରୋ-ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ରହିଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକର ୨୭ଟି ସମିତି ସଭ୍ୟ ପଦ ପାଇଁ ହୋଇଥିବା ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆୟବା ଗ୍ରାମପଞ୍ଚାୟତ ସମିତିସଭ୍ୟ ପଦ ଅସଂରକ୍ଷିତ ମହିଳା, ଇନ୍ଦୁପୁର-ଅସଂରକ୍ଷିତ ମହିଳା, ଓସ୍ତପୁର-ଅସଂରକ୍ଷିତ ମହିଳା, କଳପଡା- ଅସଂରକ୍ଷିତ, କପାଳେଶ୍ୱର- ଅସଂରକ୍ଷିତ, କୁତରଙ୍ଗ- ପଛୁଆବର୍ଗ ମହିଳା, କେଶପୁର-ଅସଂରକ୍ଷିତ, ଗାଙ୍ଗପଡା- ଅସଂରକ୍ଷିତ, କଂସାର- ଅସଂରକ୍ଷିତ, ଗୁଲନଗର- ଅସଂରକ୍ଷିତ ମହିଳା, ଘାଗରା-ପଛୁଆବର୍ଗ, ଚକ୍ରୋଡା-ଅନୁସୂଚିତ ଜନଜାତି ମହିଳା, ଚନ୍ଦନପୁର- ଅନୁସୂଚିତ ଜାତି ମହିଳା, ଉରିଗାଁ-ପଛୁଆବର୍ଗ ମହିଳା, ଜମଧର-ଅସଂରକ୍ଷିତ, ଢୋଲ-ପଚୁଆବର୍ଗ, ଧୂମାତ- ଅନୁସୂଚିତ ଜାତି ମହିଳା, ପଳସିଂହା-ଅସଂରକ୍ଷିତ ମହିଳା, ନିକିରାଇ-ଅନୁସୂଚିତ ଜାତି ମହିଳା, ପୁରୁଷୋତ୍ତମପୁର-ଅନୁସୂଚିତ ଜାତି, ବଗଡା- ଅସଂରକ୍ଷିତ, ବାରୋ-ଅନୁସୂଚିତ ଜାତି, ଭରତପୁର- ଅସଂରକ୍ଷିତ ମହିଳା, ଭାଗବତପୁର-ଅସଂରକ୍ଷିତ, ଶ୍ୟାମସୁନ୍ଦରପୁର-ଅନୁସୂଚିତ ଜାତି ମହିଳା, ସାନମାଣତିଆ-ଅନୁସୂଚିତ ଜାତି, କୋରୋ- ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ଯଦି ଏହି ଅଦଳ ବଦଳରେ କାହାରି ଆପତ୍ତି ଅଭିଯୋଗ କିଛି ଥାଏ ତେବେ ସେମାନେ ସେମାନଙ୍କ ଆପତ୍ତି ଦରଖାସ୍ତ ଆସନ୍ତା ୧୬ତାରିଖ ସୁଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇବା ପାଇଁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି।

# ଓଡିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ, କନ୍ଧମାଳ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି



ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲାର ସ୍ଥାନୀୟ ସରାକାରୀ ମହାବିଦ୍ୟାଳୟ ପଡିଆଠାରେ ସଭାପତି ଅଶୋକ କୁମାର ଗୌଡଙ୍କ ନେତୃତ୍ୱରେ ଓଡିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘ କନ୍ଧମାଳ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ସରକାର ଦଶହରାକୁ ଆଖି ଆଗରେ ରଖି କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କ ସମେତ ପେନସନ ଭୋଗୀଙ୍କ ମହଙ୍ଗା ଭତା ବୃଦ୍ଧି ଘଟାଇଛନ୍ତି । ଏହା ବର୍ତମାନ ୧୭%ରୁ ବୃଦ୍ଧିପାଇ ୨୮%ରେ ପହଂଚିଛି । ଅକ୍ଟୋବର ମାସରରେ ମିଳିବ ବୋଲି ମଧ୍ୟ ଘୋଷଣା କରିଛନ୍ତି । ଏହାଦ୍ୱାରା ୪ଲକ୍ଷ ସରକାରୀ କର୍ମଚାରୀ ଓ ସାଢ଼େ ୩୬ଲକ୍ଷ ପେନସନ ଭୋଗୀ ଉପକୃତ ହେବେ । ଅଥଚ ଓଡିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମାନଙ୍କୁ ସରକାର ଅଣଦେଖା କରିଥିବା ଦାବୀ କରିଛନ୍ତି ସଭାପତି ଅଶୋକ । ଏଥିସହିତ ଗତ ୧୧ ତାରିଖରେ ହୋଇଥିବା କ୍ୟାବିନେଟ ବୈଠକରେ ଓଜିସିଇଏର ଦୀର୍ଘଦିନର ଦାବି ପୁରଣ କରିବା ଦିଗରେ ସରକାର କିଛି ପଦକ୍ଷେପ ନେବା ସହ ଘୋଷଣା କରିବେ ବୋଲି ଚୁକ୍ତିଭିତିକ କର୍ମଚାରୀମାନେ ଦୃଢ଼ ଆଶା ପୋଷଣ କରିଥିଲେ । ଦୁର୍ଗାପୁଜା ସୁଦ୍ଧା ସରକାର ଚୁକ୍ତିଭିତିକ କର୍ମଚାରୀଙ୍କ କଥା ନବୁଝିବାରୁ ଓଜିସିଇଏ କାର୍ଯ୍ୟବନ୍ଦର ଡାକରା ଦେବା ସହିତ ରାଜରାସ୍ତାକୁ ଓହ୍ଲେଇ ଆନ୍ଦୋଳନ କରିବାକୁ ନିଷ୍ପତି ନେବା ସହିତ ଗଣମାଧ୍ୟମ ଆଗରେ ସରକାରଙ୍କୁ ଏହା ଚେତାବନୀ ସଦୃଶ ବୋଲି ପ୍ରକାଶ କରିଛନ୍ତି । ଏଥିସହିତ ଅନ୍ୟ କେତେକ ଦାବୀ ବୈଠକରେ ନିଷ୍ପତି ହୋଇଛି। ସେଗୁଡିକ ହେଲା ଚୁକ୍ତଭିତିକ ପ୍ରଥା ଉଚ୍ଛେଦ,ସମାନ କାର୍ଯ୍ୟକୁ ସମାନ ଦରମା,୬ବର୍ଷ ଚୁକ୍ତିଭିତିକ କାର୍ଯ୍ୟକାଳକୁ ଚାକିରି କାଳରେ ଗଣନା କରିବା, ସପ୍ତମ ବେତନ ଆଧାରରେ ମୁଳଦରମା ପ୍ରଦାନ ଇତ୍ୟାଦି । ଏହି ବୈଠକରେ ଉପ ସଭାପତି ରାକେଶ କୁମାର ସାହୁ,ସମ୍ପାଦକ କ୍ଷିତିଶ ପ୍ରୟଦର୍ଶୀ ସାହୁ,ସହ ସମ୍ପାଦକ ଏଲ ସନ୍ତୋଷ ପାତ୍ର, ଗଣମାଧ୍ୟମ ସମ୍ପାଦକ ଦୀପକ କୁମାର ପ୍ରଧାନ, କୋଷାଧ୍ୟକ୍ଷ ସମୀର କୁମାର ଚୌଧୁରୀ,ଉପଦେଷ୍ଟା ଅଳକା ମହାନ୍ତି, ସଦସ୍ୟ ମାନସ କୁମାର ବେହେରା, ତପସ୍ୱିନୀ ନାୟକ, ବାସନ୍ତି ବାଡତ୍ୟା, ସୁନନ୍ଦା ବିଶୋୟୀ, ଅବେଲ ନାୟକ, ଆଶିଷ ନାୟକ, ଜୀବନ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଅନ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, କୃଷି, ପ୍ରାଣୀସଂପଦ, ଯୋଜନା, ମତ୍ସ୍ୟସଂପଦ, ତତ୍‌ସହିତ ଜିଲ୍ଲା , ପଂଚାୟତ ସମିତିର ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ ଚୁକ୍ତିଭିତିକ କର୍ମଚାରୀ ଯୋଗ ଦେଇଥିଲେ ।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବି

ଭୁବନେଶ୍ୱର (ପିଏନ୍): ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୂଳମନ୍ତ୍ର ଅଟେ। ଯେଉଁ ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ ସେ ଦେଶ ସେତିକି ବିକଶିତ। କିନ୍ତୁ ଆମ ଦେଶରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଓଲଟା। ଆମ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶିକ୍ଷାକୁ ଆଦୌ ଗୁରୁତ୍ୱ ଦେଉନାହାଁନ୍ତି। ଶିକ୍ଷା ଅଧିକାର ଆଇନକୁ କଡ଼ାକଡ଼ି କାର୍ଯ୍ୟ ନକରି ଏବେ ଆଉ ଗୋଟିଏ ଶିକ୍ଷା ନୀତି ଆଣିଛନ୍ତି। ଯାହାକି ଛାତ୍ର ଓ ଶିକ୍ଷକମାନଙ୍କ ବିରୋଧି। ରାଜ୍ୟରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ଜାଣିଶୁଣି ଶିକ୍ଷକ ନିଯୁକ୍ତି କରୁନାହାନ୍ତି । ଠିକା ଚୁକ୍ତିରେ ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଶୋଷଣ କରୁଛନ୍ତି । ଅବସର ପରେ ସେମାନଙ୍କୁ ଅବସରକାଳୀନ ସୁବିଧା ସୁଯୋଗ ସହ ପେନସ୍‌ନ ବ୍ୟବସ୍ଥା ଲାଗୁ କରୁନଥିବାରୁ ସେମାନଙ୍କ ଅବଶିଷ୍ଟ ଜୀବନ ଦୁଃଖମୟ ହେଉଛି। ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ସରକାର ୨୦୧୯ ମସିହାରେ ଯେଉଁ କ୍ୟାଡର ସଂଶୋଧନ କଲେ ସେଥିରେ ଶିକ୍ଷକମାନଙ୍କୁ ବହୁ ଭାଗରେ ବିଭକ୍ତ କରି ଆର୍ଥିକ ସୁବିଧା ସୁଯୋଗ ନ ଦେଇ ଶିକ୍ଷକମାନଙ୍କର ପଦମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି। ମାଧ୍ୟମିକ ଶିକ୍ଷକମାନଙ୍କୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ମାଧ୍ୟମିକ ବିଦ୍ୟାଳୟକୁ ପଦୋନ୍ନତିର କୌଣସି ବ୍ୟବସ୍ଥା କରିନାହାଁନ୍ତି । କିନ୍ତୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକମାନଙ୍କୁ ମାଧ୍ୟମିକ ବିଦ୍ୟାଳୟରେ ପଢ଼ାଇବା ପାଇଁ ବାଧ କରୁଛନ୍ତି । ଯାହାକି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି । ଭାରତ ବର୍ଷର ସମସ୍ତ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେଉଥିବା ବେଳେ ଆମ ରାଜ୍ୟ ସରକାର ୨୨୦୦ ଗ୍ରେଡ୍ ପେ ଦେଇ ସପ୍ତମ ବେତନ କମିଶନ ସଂଶୋଧନ କରିଥିବାରୁ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ସମସ୍ତ ରାଜ୍ୟର ପ୍ରାଥମିକ ଶିକ୍ଷକଠାରୁ କମ୍ ଦରମା ପାଆନ୍ତି। ଗୋଟିଏ ପଟେ ସରକାର ଶିକ୍ଷକମାନଙ୍କୁ ଶୋଷଣ କରୁଥିବା ବେଳେ ଅନ୍ୟପଟେ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ କରୁଛନ୍ତି। କରୋନା ଆଳ ଦେଖାଇ ପ୍ରାଥମିକ ବିଦ୍ୟାଳୟକୁ ଖୋଲୁନାହାଁନ୍ତି। ୧୯ ମାସ ଧରି ବିଦ୍ୟାଳୟଗୁଡ଼ିକ ଖୋଲା ହୋଇ ନଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷାଦାନରୁ ବଂଚିତ ହେଉଛନ୍ତି । ସେରୋ ସର୍ଭେ ରିପୋର୍ଟରେ ଛୋଟ ପିଲାଙ୍କ ରୋଗ ପ୍ରତିଷେଧକ ଶକ୍ତି ଅଧିକ ଥିବାବେଳେ ସରକାର ସେମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଶିକ୍ଷାଦାନରୁ ବଞ୍ଚିତ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବି ଦିବସ ଅବସରରେ ଏକ ଆଲୋଚନାଚକ୍ର ଶୀର୍ଷକ: "ପ୍ରାଥମିକ ଶିକ୍ଷା : ଆମ ସଂଗଠନ ଆମ ଦାୟିତ୍ୱ" ଭୁବନେଶ୍ୱରସ୍ଥିତ ଖାରବେଳନଗରସ୍ଥିତ ସାମ୍ବାଦିକ ଭବନଠାରେ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ପ୍ରଫେସର ସୁରେନ୍ଦ୍ର କୁମାର ଜେନା, ଓଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଓ ନୂତନ ପେନ୍‌ସନ୍ ବ୍ୟବସ୍ଥା ବାତିଲ୍ କରି ପୁରୁଣା ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ଦେବାପାଇଁ କହିଥିଲେ। ସଂଘର ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ ସରକାର ପୁରଣ ପେନ୍‌ସନ୍ ସହ ଅବସରକାଳୀନ ସୁବିଧା ସୁଯୋଗ ସରକାର ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏହି ଆଲୋଚନା ଚକ୍ରରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ୍, ପ୍ରସନ୍ନ କୁମାର ଜେନା, ଟୁଲୁ ଦେଈ, କେଶବ କର, ସୁରେନ୍ଦ୍ର ନାଥ ରାଉତ, ସୁଦାମ ଦଳବର, ସୁଧାଂଶୁ ମଣ୍ଡଳ, ଜିତେନ୍ଦ୍ର କୁମାର ନାୟକ, ନରେଶ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର




ଭୁବନେଶ୍ୱର (ପିଏନ୍): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ, ଉତ୍କଳ ବିପନ୍ନ ସହାୟତା ସମିତ ଆନୁକୂଲ୍ୟରେ ମଂଚେଶ୍ୱରସ୍ଥିତ "ସେବା" ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏମସ୍ ହସ୍ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶିକା ଡା. ଗୀତାଞ୍ଜଳୀ ପଦ୍ମନାଭନ୍ ମୁଖ୍ୟ ଅତିଥି , କ୍ୟାପିଟାଲ ହସ୍ପିଟାଲ୍‌ର ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥି , ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବର ପ୍ରାନ୍ତ ସଂଘଚାଳକ ଶ୍ରୀ ସମୀର କୁମାର ମହାନ୍ତି ମୁଖ୍ୟ ବକ୍ତା ଓ ସମିତିର ଉପ ସଭାପତି ଡ. ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶିବିକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଡା. ଗୀତାଞ୍ଜଳୀ ପଦ୍ମନାଭନ, ରୋଗୀ ସେବାର ମହତ୍ୱ ଓ ରକ୍ତ ଦାନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଡା. ଦେବାଶିଷ ମିଶ୍ର, ରକ୍ତ ଦାନର ଆବଶ୍ୟକତା ଥିବା ବେଳେ ୟୁବିଏସ୍‌ଏସ୍ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ କରି ସେବା ମନଭାବର ପରିଚୟ ଦେଇଛି ବୋଲି ମତବ୍ୟକ୍ତ କହିଥିଲେ। ସମୀର କୁମାର ମହାନ୍ତି ସେବା ଭାରତୀ ଓ ସମିତି କରୋନା ଭୁତାଣୁ ସଂକ୍ରମଣ ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବା ପ୍ରଦାନ ଯୋଗୁଁ ପ୍ରଶଂସାର ପାତ୍ର ହୋଇଅଛି ବୋଲି ପ୍ରକାଶ କରିଥିଲେ। ଡ. ବିଜୟ କୁମାର ସ୍ୱାଇଁ ରକ୍ତଦାନ ତଥା ଅଙ୍ଗଦାନ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ସମିତିର ଯୁଗ୍ମ ସମ୍ପାଦକ ଶ୍ରୀ ଦିବାକର ପ୍ରସାଦ ହରିଚନ୍ଦନ ଅତିଥି ମାନଙ୍କର ପରିଚୟ ଏବଂ ସଦସ୍ୟ ଶ୍ରୀ ଅଚ୍ୟୁତାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇ ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିଲା ବୋଲି ସମିତିର କାର୍ଯ୍ୟାଳୟ ସଂପାଦକ ଶ୍ରୀ ଅଜୟ ଦାଶ ପ୍ରକାଶ କରିଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


# କେନ୍ଦ୍ରାପଡା ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆବାହକ ଭୀମସେନ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଓଡିଶା ରାଜ୍ୟ ବିଜୁ ଦନତା ଦଳ ଆଇନଜୀବୀ ସାମ୍ମୁଖ୍ୟର ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି ଓ ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଇନଜୀବୀ ବରିଷ୍ଠ ଆଇନଜୀବୀ ଗୋକୁଳରଞ୍ଜନ ଦାସ ସାମ୍ମୁଖ୍ୟ ପକ୍ଷରୁ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଓକିଲ ନିଯୁକ୍ତି, ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରାଯିବା ସହ ଜଣେ ଆଇନଜୀବୀ ଯେପରି ସର୍ବନିମ୍ନ ୨୦ଲକ୍ଷ ଟଙ୍କା ପେନସନ ପାଆନ୍ତି ସେଥରପ୍ରତି ଦୃଷ୍ଟି ଆକର୍ଷଣ ସହ କେନ୍ଦ୍ରାପଡାରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା କରାଯିବା, କ୍ୟାଡର ଉଚ୍ଛେଦ କରାଯାଇ ନନକ୍ୟାଡର ପ୍ରସିକ୍ୟୁଟରମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ଓ ବିଜୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଓକିଲମାନଙ୍କୁ ସାମିଲ କରାଯିବା ପ୍ରଭୃତି ଦାବି ଉପସ୍ଥାପନ କରିଥିଲେ। ଆଳି ବିଧାୟକ ଶ୍ରୀ ଦେବ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ଓକିଲମାନଙ୍କୁ ନିଯୁକ୍ତି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମହାକାଳପଡା ବିଧାୟକ ଶ୍ରୀ ନାୟକ ଜିଲ୍ଲାରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ରାଜନଗର ବିଧାୟକ ଶ୍ରୀ ସାହୁ ବରିଷ୍ଠ ଆଇନଜୀବୀ ଶ୍ରୀ ଭୂୟାଁ ତୁରନ୍ତ ଜିଲ୍ଲାର ସମସ୍ତ ଓକିଲ ସଙ୍ଘ ଏବଂ ବିଧାୟକମାନଙ୍କ ସହିତ ପରାମର୍ଶ କରି ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ନିଯୁକ୍ତି ପାଇଁ ଓକିଲମାନଙ୍କ ନାମ ତାଲିକା ପଠାଇବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଓକିଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବୀମା ଯୋଜନା କରାଯିବାକୁ ବିଧାୟକ ଶ୍ରୀ ସାହୁ ଦାବି କରିଥିଲେ ଏବଂ ଓକିଲମାନେ ସାଧାରଣ ଲୋକଙ୍କୁ ଆବଶ୍ୟକ ଆଇନ ପରାମର୍ଶ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ମହିଳା ଆଇନଜୀବୀମାନେ ଆଗେଇଆସି ସାଧାରଣ ଜନତାଙ୍କୁ ଆଇନ ପରାମର୍ଶ ଯୋଗାଇ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ୩ଜଣ ବିଶିଷ୍ଟ ଆଇନଜୀବୀ ମୋହନଦାସ କରମଚାନ୍ଦ ଗାନ୍ଧୀ, ଉତ୍କଳ ଗୌରବ ମଧୁସୁଦନ ଦାସ ଓ ପଣ୍ଡିତ ଗୋପବନ୍ଧୁ ଦାସ ଏହି ମାଟି ସହିତ ସମ୍ପର୍କ ରହିଥିବାରୁ ଏ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। କେନ୍ଦ୍ରାପଡା ଜିଲ୍ଲା ଉକିଲ ସଙ୍ଘରେ ମହିଳା ଆଇନଜୀବୀମାନଙ୍କ ପାଇଁ ଏକ ପ୍ରକୋଷ୍ଠ ନିର୍ମାଣ ନିମନ୍ତେ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କା ସହିତ ଜିଲ୍ଲା କୋଷାଗାର ସମ୍ମୁଖରେ ଓକିଲ ସଙ୍ଘର ଅସମ୍ପୂର୍ଣ୍ଣ ଥିବା ଗୃହ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ ବିଧାୟକ ଶ୍ରୀ ବେହେରା ପ୍ରତିଶୃତି ଦେଇଥିଲେ। ପର୍ଯ୍ୟବେକ୍ଷକ ଶ୍ରୀ ସାମନ୍ତରାୟ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ୮୦ ପ୍ରତିଶ୍ରତ ଜିଲ୍ଲା ପରିଷଦ ପ୍ରାର୍ଥୀ ଯେଭଳି ଜିତିବେ ସେଥିପ୍ରତି ସାମ୍ମୁଖ୍ୟ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାରେ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ଆଇନଜୀବୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ରବି ମହାନ୍ତି ବିଜେଡିରେ ଯୋଗଦେଇଥିବା ବେଳେ ଦଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଆଇନଜୀବୀ ମନୋଜ ସାହୁ ଅତିଥି ପରିଚୟ ପ୍ରଦାନ, ଦେବଦାସ ମହାନ୍ତି ସ୍ୱାଗତ ଭାଷଣ ଏବଂ ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ ସଞ୍ଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପଟ୍ଟାମୁଣ୍ଡାଇ ବାର ସଭାପତି ଭୀମସେନ ପ୍ରଧାନ, ଆଳି ବାର ସଭାପତି ଚିରଞ୍ଜିବୀ ଦାସ, ରାଜକନିକା ବାର ସମ୍ପାଦକ ଖଗେଶ୍ୱର ନାୟକ, ରାଜନଗର ବାର ସଭାପତି ଉମେଶ ଦାସ, ମହାକାଳପଡା ବାର ସଭାପତି ଅକ୍ଷୟ ମହାପାତ୍ର, ଡେରାବିଶ ବାର ସଭାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ଜେନା, ହିରଣ୍ୟ ପଣ୍ଡା,ରଞ୍ଜନ ପଣ୍ଡା, ମଙ୍ଗଳବରଣ ସିଂ, ନିହାର ମହାପାତ୍ର, ସ୍ମୃତିରଞ୍ଜନ ସିଂ, ଦିଲ୍ଲିପ ପରିଡା, ମୋହନ ସାହୁ, ନିରଞ୍ଜନ ବଳ, ମାନସରଞ୍ଜନ ଧଳ, ବ୍ରଜସୁନ୍ଦର ରାଉତ, ତମସା ପାତ୍ର, କଳାକାର ରାଉତ, ଇତିହାସ ଲେଙ୍କା, ଶାନ୍ତିସ୍ୱରୂପ ଭୂୟାଁ, ଅରୁଣ ଦାସ, ପ୍ରଭାତ ପ୍ରଧାନ, ସୁବାଷ ନାୟକ, ସୁକାନ୍ତ ପାତ୍ର, ସାରଥୀ କାନୁନଗୋ, ସୌମ୍ୟରଞ୍ଜନ ସାମନ୍ତରାୟ, ସୁଦର୍ଶନ ନାୟକ ପ୍ରମୁଖ ବହୁ ଆଇନଜୀବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାଡ଼ି ରଖିବାକୁ ନେଇ ମରଣାନ୍ତକ ଆକ୍ରମଣ



କେନ୍ଦ୍ରାପଡ଼ା (ପିଏନ୍): ଗାଡି ରଖିବାକୁ ନେଇ ଟାଉନ୍ ଥାନା ଅନ୍ତର୍ଗତ ଇମାମବାଡି ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ଯୁବକଙ୍କ ନାମ ସେକ ସୁଲତାନ। ଏ ନେଇ ସେକ ସୁଲତାନଙ୍କ ସ୍ତ୍ରୀ ରିହାନା ପରୱିନ ଟାଉନ୍ ଥାନାରେ ଏତଲା ଦେଇଛନ୍ତି। ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀ ତାଙ୍କ ନିଜ ଜାଗାରେ ବାଇକ ରଖିଥିଲେ। ହେଲେ ଏହାକୁ କେତେକ ଯୁବକ ବିରୋଧ କରିଥିଲେ। ଏହାକୁ ନେଇ ତାଙ୍କ ସ୍ୱାମୀ ଓ ସଂପୃକ୍ତ ଯୁବକମାନଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁବକମାନେ ତାଙ୍କ ସ୍ୱାମୀଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡ ସମେତ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

# ଦଶହରାରେ ୧୦ଜଣ ମା'ଙ୍କୁ ସହାୟତା



ଭୁବନେଶ୍ୱର (ପିଏନ୍): ଦଶହରାରେ ୧୦ଜଣ ମା'ଙ୍କୁ ସହାୟତା କରିଥିଲା ଆଦିତ୍ୟ ଫାଉଣ୍ଡେସନ୍। ଭୁବନେଶ୍ୱର ଉପକଣ୍ଠ ଶିଶୁପାଳଗଡ଼ର ଏହି ଅନୁଷ୍ଠାନ ସାମନ୍ତରାପୁର ଛକଠାରେ ଲୁଗା ବସ୍ତ୍ର ଆଦି ବଂଟନ କରିଥିଲା। ଗୋଟିଏ ପଟେ ଦଶହରାରେ ଦେବୀଙ୍କୁ ପୂଜା କରାଯାଉଥିବା ବେଳେ ଅସହାୟରେ ଥିବା ୧୦ଜଣ ମା' ମାନଙ୍କୁ ଦଶହରାରେ ସହାୟତା କରି ଦଶହରା ପାଳନ କରାଯାଇଛି। ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ କୁମାର ଚମ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁପାଳଗଡ଼ ସରପଂଚ ଇତିଶ୍ରୀ ଚମ୍ପତି ଓ ସଭ୍ୟମାନେ ଉପସ୍ଥିତ ଥିଲେ।




Bhubaneswar Tuesday November 30, 2021 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୩୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଡାକ୍ତର ନାହାନ୍ତି କି ଶିକ୍ଷକ ନାହାନ୍ତି, କିନ୍ତୁ ବିଲ୍‌ଡିଙ୍ଗ ଚକାଚକ୍ ଚାଲିଛି : କଂଗ୍ରେସ

ରାଉରକେଲା, ୨୮।୧୧ : ସୁନ୍ଦରଗଡ ଜିଲ୍ଲାର ହାଇସ୍କୁଲ ଗୁଡିକରେ ପାଖାପାଖି ୮୦୦ ଶିକ୍ଷକଙ୍କ ପଦବୀ ଖାଲି ପଡିଛି । ରାଉରକେଲା ସରକାରୀ ଡାକ୍ତରଖାନା ଯାହା ଉପରେ ସୁନ୍ଦରଗଡ ଜିଲ୍ଲା ସମେତ ପଡୋଶୀ ରାଜ୍ୟର ଲୋକ ମଧ୍ୟ ଚିକିତ୍ସା ପାଇଁ ନିର୍ଭର କରନ୍ତି, ସେଠାରେ ୩୭ରୁ ଊର୍ଦ୍ଧ୍ୱ ଡାକ୍ତରୀ ପଦବୀ ଖାଲି ପଡିଛି । ଶଯ୍ୟା ଅଭାବରୁ ରୋଗୀମାନେ ଚଟାମରେ ଶୋଉଥିବା ବେଳେ କେତେକ ସ୍କୁଲରେ ଡେସ୍କ ଓ ବେଞ୍ଚ ଅଭାବରୁ ଛାତ୍ରଛାତ୍ରୀ ଚଟାଣରେ ବସି ଶିକ୍ଷାଗ୍ରହଣ କରୁଛନ୍ତି । ତେବେ ଏସବୁ ଦିଗ ପ୍ରତି ରାଜ୍ୟ ସରକାର ତଥା ସ୍ଥାନୀୟ ନିର୍ବାଚିତ ବିଧାୟକ ଓ ସାଂସଦ ଦୃଷ୍ଟି ଦେବା ପରିବର୍ତ୍ତେ ସ୍କୁଲ ଓ ଡାକ୍ତରଖାନା ବିଲ୍‌ଡିଙ୍ଗରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଚକାଚକ୍ କରାଯାଉଛି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଚଳିତ ମାସ ୨୫ ତାରିଖ ଠାରୁ କଂଗ୍ରେସ ତରଫରୁ ଆରମ୍ଭ କରାଯାଇଥିବା ଜନଜାଗରଣ ଅଭିଯାନ ଅବସରରେ ଗତକାଲି ଗୋପବନ୍ଧୁପାଲ୍ଲୀ, ନୟାବଜାର, ସେକ୍ଟର-୨ ଖରିଆବାହାଲ, ଶକ୍ତିନଗର ଏବଂ କୋଏଲନଗର ଏ ବ୍ଲକ୍ ମାର୍କେଟ୍ ଠାରେ ଅନୁଷ୍ଠିତ ସଭାମାନଙ୍କରେ କଂଗ୍ରେସ ନେତୃବୃନ୍ଦ ବକ୍ତବ୍ୟ ରଖି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ତଥା ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିମାନଙ୍କର ରାଉରକେଲା ପ୍ରତି ଚରମ ଅବହେଳାର ତୀବ୍ର ନିନ୍ଦା କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ମାର୍ଗଦର୍ଶନ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଦେବବ୍ରତ ବିହାରୀ ଅଧ୍ୟକ୍ଷତା କରିଥିଲେ । ଏହି ସଭାଗୁଡିକରେ ଶ୍ରୀ ସେନାପତିଙ୍କ ସମେତ ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ବରିଷ୍ଠ ନେତା ଭାସ୍କର ଖିଲ୍ଲାର, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, ଅନ୍ୟତମ ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ଯୁବନେତା ଦିଲ୍ଲୀପ ଲାହିରି ପ୍ରମୁଖ ବକ୍ତବ୍ୟ ରଖି ବର୍ତ୍ତମାନର ଦରଦାମ୍ ବୃଦ୍ଧି, ବେକାରୀ, ବେରୋଜଗାରୀ, ମହିଳାଙ୍କ ପ୍ରତି ଅତ୍ୟାଚାର, ହତ୍ୟା, ଧର୍ଷଣ ଓ ଅପହରଣ ଇତ୍ୟାଦି ଅପରାଧିକ କାର୍ଯ୍ୟ ବୃଦ୍ଧି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ । ଉଭୟ ସରକାରଙ୍କୁ କେନ୍ଦ୍ର ନେତୃବୃନ୍ଦ କୃଷକ, ଶ୍ରମିକଙ୍କ ସ୍ୱାର୍ଥ ବିରୋଧି ବୋଲି ଅଭିହିତ କରି ଆଗାମୀ ଦିନରେ ଉଭୟ ବିଜେଡି-ବିଜେପିକୁ ଲୋକେ ଠିକଣା ଜବାବ ଦେବାକୁ ଆହ୍ୱାନ ଜଣାଇଥିଲେ । ରାଉରକେଲା ପ୍ରତି ଯେପରି ବିଧାୟକ ସାରଦା ପ୍ରସାଦ ନାୟକ, ସୁବ୍ରତ ତରାଇ ଓ ସାଂସଦ ଜୁଏଲ ଓରାମ ଅବହେଳା ପ୍ରଦର୍ଶନ କରୁଛନ୍ତି, ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ଭୁଲିଯିବା ସହିତ ଯେଉଁ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରୁଛନ୍ତି ସେଗୁଡ଼ିକୁ ମଧ୍ୟ କାର୍ଯ୍ୟକାରୀ ନ କରି ଭୁଲିଯାଉଛନ୍ତି ବୋଲି ଅଭିଯୋଗ କରିଥିଲେ, ଯାହାର ଉଦାହରଣ କୋଏଲ ବ୍ୟାରେଜ୍, ରିଂ ରୋଡ୍, ହୋଲ୍‌ସେଲ ବଜାର, ହକି ନର୍ସରୀ, ସ୍ପୋର୍ଟସ କମ୍ପ୍ଲେକ୍ସ, ଡିଜିଟାଲ ଷ୍ଟାଡିୟମ, ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଓ ରେଳ ଡିଭିଜନ ଇତ୍ୟାଦି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ପୁନଶ୍ଚ ଉଭୟ ବିଜେଡି ବିଜେପି ସାଧାରଣ ଲୋକଙ୍କ ଭୋଟ୍ ହାତେଇବା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡ, ଗରିବ କଲ୍ୟାଣ ଯୋଜନାରେ ଚାଉଳ ଇତ୍ୟାଦି ଦେବାର ନାଟକ ଆରମ୍ଭ କରିଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିହିତ କରି ରାଉରକେଲାର ବିଜ୍ଞ ଜନସାଧାରଣ ଏଥିରେ ପ୍ରଭାବିତ ନ ହୋଇ ଉଭୟ ବିଜେଡି-ବିଜେପିକୁ ସେମାନଙ୍କ ପ୍ରତିଶ୍ରୁତିର ଜବାବ ମାଗିବା ପାଇଁ ନିବେଦନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଆର୍.ପି. ସିଂହ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ସରିତା କୁଲୁ, ଅମ୍ରିତ କୌର, ସାଧାରଣ ସମ୍ପାଦକ ତୁଳସୀ ନାଗ, ରେହେମାନ ଖାନ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଉମେଶ ବେହେରା, ମୁନ୍ନା ପ୍ରସାଦ, ବିପିନ ଠାକୁର, ନିର୍ମଳା ମହାପାତ୍ର, ବିଜୟଲକ୍ଷ୍ମୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ଜେନା, ସରିତା ଲାକ୍ରା, ସରିତା ଟପ୍ପୋ, ଶ୍ୟାମ ସାଗର, ବିଜୟ ବେହେରା, ରବୀନ୍ଦ୍ର ନାୟକ, ସୁନୀତା ଲାକ୍ରା, ଏମ୍‌ଡି ମୁର, ଏମ୍‌ଡି ସଲ୍ଲାଉଦ୍ଦିନ, ଏମ୍‌ଡି ସବୀର ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

## ଖୋର୍ଦ୍ଧା କୁଷ୍ଠାଶ୍ରମରେ ୪୬ ପରିବାରକୁ ସହଯୋଗ ତରଫରୁ କମ୍ବଳ ଓ ମାସ୍କ ବଣ୍ଟନ

ଖୋର୍ଦ୍ଧା, (ପି.ଏନ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଅଣପଞ୍ଜୀକୃତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ପରିବାର ତରଫରୁ ଆଜି ଖୋର୍ଦ୍ଧା ଗୋପବନ୍ଧୁ କୁଷ୍ଠାଶ୍ରମରେ ୪୬ଟି ପରିବାରକୁ କମ୍ବଳ ଓ ମାସ୍କ ବଣ୍ଟନ କରାଯାଇଛି । ଏହି ଅନୁଷ୍ଠାନ ନିଜ ପରିବାର ମଧ୍ୟରୁ ଯଥା ସମ୍ଭବ ନିଜ ହାତପାଣ୍ଠିରୁ ଅର୍ଥ ସଂଗ୍ରହ କରି ପ୍ରତି ରବିବାର ଜାତୀୟ ରାଜପଥରେ ବୁଲୁଥିବା ପାଗଳ ଓ ଅସହାୟ ବ୍ୟକ୍ତିମାନଙ୍କୁ ଖାଦ୍ୟ ବଣ୍ଟନ କରୁଥିବାବେଳେ ବନ୍ୟା,ବାତ୍ୟା ଓ ଅଗ୍ନିକାଣ୍ଡ ବିପନ୍ନ ବ୍ୟକ୍ତିମାନଙ୍କୁ ଯତକିଞ୍ଚିତ ସାହାଯ୍ୟ ସହଯୋଗର ହାତ ବଢାଇ ଆସୁଛି । ।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବୟସ୍କମାନଙ୍କୁ ଶୀତବସ୍ତ୍ର ବ□ନ




ପାରାଦୀପ,(ପି.ଏନ): ମାନ୍ୟବର କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳମାର୍ଗ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଦୁଇ ଦିନିଆ ପାରାଦୀପ ଗସ୍ତରେ ଆସିଥିଲେ । ଏହି ଅବସରରେ ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ କଲୋନୀ ଠାରେ କଲୋନୀର ବୟସ୍କ ବ୍ୟକ୍ତିମାନଙ୍କୁ ମାନ୍ୟବର ମନ୍ତ୍ରୀ ଶୀତବସ୍ତ୍ର ବ□ନ କରିଥିଲେ । ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ପହଂଚିଥିଲେ ମାନ୍ୟବର ମନ୍ତ୍ରୀ ଶ୍ରୀ ଠାକୁର । ବସ୍ତିର ମହିଳା ଓ ଟ୍ରଷ୍ଟର ସଦସ୍ୟମାନେ ମାନ୍ୟବର ମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଥିଲେ । ସେ ବସ୍ତିବାସିନ୍ଦାମାନଙ୍କର ଉନ୍ନତି କାମନା କରିଥିଲେ । ଟ୍ରଷ୍ଟର ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମାରୋହରେ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଏନ.ସି. ଅଗସ୍ତି ଯୋଗ ଦେଇଥିଲେ ।

# କଖାରୁଆ ବୈଦ୍ୟନାଥ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ

ବାଲେଶ୍ୱର , (ପି.ଏନ): ସେବା ସଂଗଠନ ଓଡ଼ିଶା ଏବଂ ଦେବାଳୟ ବିମୋଚନ ଓଡ଼ିଶା ର ମିଳିତ ସହଯୋଗ ରେ ମୟୂରଭଞ୍ଜ ଜିଲ୍ଲାର ମାଣନ୍ଦୀ ସ୍ଥିତ କଖାରୁଆ ବୈଦ୍ୟନାଥ ମହାଦେବ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସେବା ସଂଗଠନ ର ବାଲେଶ୍ୱର ଜିଲ୍ଲା ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ଶଶିକାନ୍ତ ବାରିକ କୋଷାଧ୍ୟକ୍ଷ ଅଶୋକ କୁମାର ଦାସ ସଦସ୍ୟ ରଜତ କୁମାର ବାରିକ, ରାକେଶ ବାରିକ, ମନୋଜ କୁମାର ରାଉତ ଏବଂ ମନ୍ଦିର ପରିଚାଳନା କମିଟି ଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟ ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ଏବଂ ଦେବାଳୟ ବିମୋଚନ ଓଡଶାର ଶାଖା ପରିଚାଳକ କମଳଲୋଚନ ପଣ୍ଡା ଙ୍କ ତ□ାବଧାନରେ ସମ୍ପନ୍ନ ହୋଇଥିଲା । ସଂଗଂନର ସଦସ୍ୟମାନେ ସବୁବେଳେ ସମାଜ ସେବା କାର୍ଯ୍ୟରେ ଲିପ୍ତ ରହି ସଫେଇ କାର୍ଯ୍ୟ, ବୃକ୍ଷ ରୋପଣ, ଚକ୍ଷୁ ଚିକିତ୍ସା ଶିବିର, ରକ୍ତଦାନ ଶିବିର ଏବଂ ଅସହାୟ ମାନଙ୍କୁ ମେଡିକାଲରେ ଯାଇ ସାହାଯ୍ୟ କରିବା ଓ ରକ୍ତ ଯୋଗାଇବା କାମ ଯାରି ରଖିଛନ୍ତି । ସଂଗଠନର ଏଭଳି ମହତ୍ୱ କାର୍ଯ୍ୟକୁ ସାଧାରଣ ରେ ପ୍ରଶଂସା କରିବା ସହ ସଂଗଠନର ଶୁଭ ମନାସିଛନ୍ତି ।

# ଉଦ୍ୟୋଗୀ ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି




ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦରିଆ ପ□ାୟତ ସାରୋଇ ଗ୍ରାମର ଉଦ୍ୟୋଗୀ ମହିଳା ଲକ୍ଷ୍ମୀପ୍ରିୟା ସାମଲଙ୍କ ଏକାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର, ଶିଳ୍ପଦ୍ୟୋଗୀ ଜଗଦୀଶ ସିଂ, ସାମ୍ବାଦିକ କୈଳାସ ଚନ୍ଦ୍ର ରାଉତ, ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା, ସୁନ୍ଦରିଆ ପଂଚାୟତ ବିଜେଡି ସଭାପତି ହେମନ୍ତ କୁମାର ଜେନା, ଚି□ରଂଜନ ପରିଡା, ଚନ୍ଦ୍ରକାନ୍ତ ଜେନା, ପ୍ରଦୀପ୍ତ କୁମାର ଦାସ, ଦେବେନ୍ଦ୍ର ସାମଲ, ପ୍ରଶାନ୍ତ ଦାସ, ମନୋଜ କୁମାର ଦାସ, କବି ଚରଣ ନାୟକ ପ୍ରମୁଖ ବହୁ ବ୍ୟକ୍ତି ସ୍ୱର୍ଗୀୟା ସାମଲଙ୍କ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସମବେତ ନୀରବ ପ୍ରାର୍ଥନା ସହିତ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ।

# ବ୍ୟବସାୟୀଙ୍କ ହୃଦ୍‌ଘାତରେ ପରଲୋକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପ□ାୟତ ଉ□ର ଶାସନ(ଖ) ଗ୍ରାମର ବ୍ୟବସାୟୀ ଅଭିରାମ ବେହେରା(୬୨)ଙ୍କ ଆଜି ହୃଦ୍‌ଘାତରେ ପରଲୋକ ହୋଇଛି । ପୂର୍ବାହ୍ନରେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକ ତାଙ୍କୁ ଧର୍ମଶାଳା ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ବେହେରାଙ୍କ ମୃତଦେହ ଗାଁରେ ପହଁଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ବ୍ୟବସାୟୀ କୃଷ୍ଣଚନ୍ଦ୍ର ବେହେରା, ସମିତିସଭ୍ୟ ସୁଦାମ ଚରଣ ବେହେରା, ରବିନ୍ଦ୍ର ଖଟୁଆ, ଚନ୍ଦ୍ରମଣି ଭୂୟାଁ, ଭାଗବତ ଖଟୁଆ, ଭଜନାନନ୍ଦ ଖଟୁଆ, ନକୁଳ ଖଟୁଆ, ବଟକୃଷ୍ଣ ମହାରଣା, ରୋହିତ ଦାସ, ଶ୍ରୀଧର ମହାନ୍ତି ପ୍ରମୁଖ ବହୁବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁଅ ନଟବର ଓ ସମିର ମୁଖାଗ୍ନି ଦେଇଥିଲେ ।

# ବୁଲିଲା ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅ□ଳରେ ବୁଲିଲା ପୁରୁଷ ବନ୍ଧ୍ୟାକରଣ ରଥ । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧୀର କୁମାର ସାହୁ ପତକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ବର୍ଦ୍ଧିତ ଜନସଂଖ୍ୟାରେ ରୋକ୍ ଲଗାଇବା ପାଇଁ ବିନା ଅସ୍ତ୍ରୋପଚାରରେ ପୁରୁଷ ବନ୍ଧ୍ୟାକରଣ କରାଯିବା ସହିତ ସେମାନଙ୍କୁ ୨ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ସହଜ, ଫଳପ୍ରଦ ଓ ସୁରକ୍ଷିତ ଜନ୍ମନିରୋଧକ ଉପାୟ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ଡ. ସାହୁ କହିଥିଲେ ।

# ବିଜେପି ଜିଲ୍ଲା ଉପସଭାପତିରୁ ଅଜିତ୍‌ଙ୍କୁ ବହିଷ୍କାର : ବାଜପେୟୀ ଟ୍ରଷ୍ଟରୁ ୨ ସଦସ୍ୟ ବିଦା କଲେ ଅଜିତ୍

ପାରାଦୀପ,(ପି.ଏନ):ପାରାଦୀପର ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଜିଲ୍ଲା ବିଜେପିର ଉପସଭାପତି ଅଜିତ୍ କୁମାର ଦାସଙ୍କୁ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ଉପସଭାପତି ପଦବୀରୁ ଦାୟିତ୍ୱମୁକ୍ତ କରିଛନ୍ତି । ଶ୍ରୀ ମହାପାତ୍ର ଶନିବାର ଦିନ ସନ୍ଧ୍ୟାରେ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ଯେ, ଅଜିତ୍ ଦଳ ବିରୋଧି କାର୍ଯ୍ୟ ଓ ବିଶୃଙ୍ଖଳା ଯୋଗୁଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଦେଇଛନ୍ତି । ଅପରପକ୍ଷରେ ଏହି ପ୍ରେସ୍ ଇସ୍ତାହାର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ଏକ ଜରୁରୀକାଳୀନ ବୈଠକ ଡକାଯାଇ ଟ୍ରଷ୍ଟର କୋଷାଧ୍ୟକ୍ଷ ସର୍ବେଶ୍ୱର ବଳିୟାରସିଂ ଓ ସଦସ୍ୟ ସର୍ବେଶ୍ୱର ଜେନାଙ୍କୁ ଟ୍ରଷ୍ଟ ବିରୋଧି କାର୍ଯ୍ୟ ଅଭିଯୋଗରେ ବହିଷ୍କାର କରାଯାଇଥିବା ନେଇ ପ୍ରେସ୍ ଇସ୍ତାହାରରେ ଅଜିତ୍ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ଗତ ବୁଧବାର ଦିନ ପାରାଦୀପରେ ବାଜପେୟୀଙ୍କ ଜନ୍ମଦିନରେ ସାଂସଦ ଅପରାଜିତାଙ୍କୁ ଅତିଥି ଚୟନ ନେଇ ବିବାଦର ସୂତ୍ରପାତ ହୋଇଥିଲା । ଏହି ବିବାଦରେ ଅଜିତ୍‌ଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ପାରାଦୀପ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାର ତିନି ଦିନ ପରେ ଅଜିତ୍‌ଙ୍କୁ ଦଳର ଜିଲ୍ଲା ଉପସଭାପତି ପଦବୀରୁ ଦାୟିତ୍ୱମୁକ୍ତ କରାଗଲା । ଏହି ବହିଷ୍କାର ଘଟଣାକୁ ଗୁରୁତ୍ୱର ସହ ନେଇ ସ୍ଥାନୀୟ ବିଜେପି ନେତାଙ୍କ ଦୁଇ ସହଯୋଗୀ ତଥା ଟ୍ରଷ୍ଟର ଦୁଇ ସଦସ୍ୟଙ୍କୁ ବହିଷ୍କାର କରି ୫ଜଣ ନୂଆ ସଦସ୍ୟ ଭାବେ ନିଜ ଟିମ୍‌ରେ ସାମିଲ କରିଛନ୍ତି । ବହିଷ୍କାର ହୋଇଥିବା ଏହି ଦୁଇ ଜଣ ବିଜେପି ନେତା ସମ୍ପଦ ସ୍ୱାଇଁଙ୍କ ଖାସ୍ ଲୋକ । ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ସମାଜସେବୀ ଶୈଳେନ୍ଦ୍ରୀ ସେନାପତି, ନାରାୟଣ ବେହେରା,ହଟ କିଶୋର ସେଠୀ ଓ ଜୀବନ ମହାପାତ୍ରଙ୍କୁ ଅଜିତ୍ ଟ୍ରଷ୍ଟର ନୂଆ ସଦସ୍ୟ ଭାବେ ଗ୍ରହଣ କରିବା ପରେ ପୁରା ଆକ୍ସନ ମୁଡ୍‌ରେ ଥିବା ଜଣା ପଡୁଛି । ଏହା ଫଳରେ ପାରାଦୀପ ବିଜେପି ଦୁଇ ଭାଗରେ ବିଭକ୍ତ ହୋଇଯାଇଥିବା ଜଳ ଜଳ ହେଇ ଦେଖାଯାଉଛି ।

# ରଜୀବରେ ରକ୍ତଦାନ ଶିବିର,୪୦ୟୁନିଟ ରକ୍ତ ସଂଗୃହୀତ



ଖୋର୍ଦ୍ଧା,(ପିଏନ) :ବାଙ୍କୀ ଉପଖଣ୍ଡ ଗୋଳାଗଣ୍ଡ ପଞ୍ଚାୟତ ଅନ୍ତର୍ଗତ ରଜୀବ ଗ୍ରାମର ଭଗବତୀ ସରକାରୀ ଉଚ୍ଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକ ବିକାଶ ଫାଉଣ୍ଡେସନ ଓ ସାପ୍ତାହିକ ପତ୍ରିକା ଭୋକିଲା ପେଟର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରୁ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଏହି ଶିବିରରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ କାମଦେବ ମହାପାତ୍ର ଓ ବିଶିଷ୍ଟ ସମାଜସେବୀ ସୁରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ ।ସମାଜସେବୀ କମଳାକାନ୍ତ ପ୍ରହରାଜ ,ବିଦ୍ୟାଧର ସ୍ୱାଇଁ, ବଟକୃଷ୍ଣ ବାରିକ, ଦିଲ୍ଲୀପ କୁମାର ବେହେରା, ରାକେଶ କୁମାର ନାୟକ,ସ୍ଥାନୀୟ ସରପଞ୍ଚ ଧନେଶ୍ୱର ବଳିୟାରସିଂହ ଓ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର ଚନ୍ଦ୍ର ନାୟକ ପରିଚାଳନା କରିଥିବାବେଳେ ଓଡିଶା ନୟାଗଡ଼ ବ୍ଲଡ଼ ବ୍ୟାଙ୍କ ଡାକ୍ତର ସଞ୍ଜୟ କୁମାର ଦାଶ, ଲାବଟେକ୍ନିସିଆନ ରବୀନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ସାମନ୍ତସିଂହାର,ସହାୟକ ପଞ୍ଚୁ ଦଳେଇ ଓ ଡାଟା ଏଣ୍ଟ୍ରି ଅପରେଟର ଶଶ୍ମିତା ଦାଶ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray